
ସକାଳ
THE SAKALA
# ସିନ୍ଦୂରା
ରବିବାର
ଜୁଲାଇ ୦୫-୧୧, ୨୦୨୬
www.sakalaepaper.com


- ବିରଳ ନାଗାର୍ଜୁନ ବେଶ ଦର୍ଶନ
- ନୀଳାଦ୍ରି ବିଜେରେ ପ୍ରଭୁ ବିଜେ
- ପ୍ରଭୁଙ୍କ ପଖାଳରେ ମନ
- ମହାକାଳର ମହାନିର୍ଦ୍ଦେଶକ
- ମହାପ୍ରଭୁଙ୍କ ମୁଦ୍ରଣ ସେବକ

ଭାବର ଠାକୁର ସେ। ଭକତ ଭାବରେ ବନ୍ଧା କାଳିଆ ଠାକୁର। ବଡ଼ ବିଚିତ୍ର ଶ୍ରୀଜଗନ୍ନାଥଙ୍କ ଲୀଳା। କେତେବେଳେ, କେଉଁଠି, କେଉଁ ରୂପରେ ସେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି ଜାଣିବା ଅସମ୍ଭବ। କାରଣ ସେ ଅନୁଭବର ଠାକୁର। ସବୁଠି ସେ ବିରାଜମାନ। ଭକ୍ତ ତାଙ୍କୁ କେବଳ ଅନୁଭବ କରେ ହୃଦୟରେ। ତାଙ୍କ ଦେହର ମହମହ ବାସ୍ନାରେ ବିଭୋର ହୁଏ। ଅନନ୍ୟ ଭକ୍ତ ଓ ଭଗବାନଙ୍କ ସଂପର୍କ। ସେବକଙ୍କଠାରୁ ଆରମ୍ଭ କରି ଶ୍ରୀମନ୍ଦିର ପ୍ରଶାସକ, କଣ୍ଠଶିଳ୍ପୀ, ସାହିତ୍ୟିକ, ଡାକ୍ତର ଆଦି ସମାଜର ବିଭିନ୍ନ ବର୍ଗର ଲୋକେ ଶ୍ରୀଜଗନ୍ନାଥଙ୍କୁ ଭିନ୍ନ ଭିନ୍ନ ଭାବରେ ଅନୁଭବ କରିଛନ୍ତି। ଭକ୍ତ ଓ ଭଗବାନଙ୍କ ମିଳନର ସେଭଳି କିଛି ବିରଳ ଅନୁଭବ ଓ ଅନୁଭୂତିକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ପ୍ରତିବେଦନ।

ପ୍ରସ୍ତୁତି 'ସକାଳ' ବ୍ୟୁରୋ



# କାଳିଆରେ ଲାଗିଥାଉ ତୋ' ଡୋରି



୨୦୨୩ ରଥଯାତ୍ରା ସମୟ। ଶ୍ରୀଜଗନ୍ନାଥ ମନ୍ଦିରରେ ମୁଁ ମୁଖ୍ୟ ପ୍ରଶାସକ ଭାବେ ଯୋଗ ଦେବା ଅଳ୍ପଦିନ ହେଇଥାଏ। ମୁଣ୍ଡ ଉପରେ ରଥଯାତ୍ରା ପରିଚାଳନା କରିବାର ଗୁରୁଦାୟିତ୍ୱ। ମୁଁ ସଦ୍ୟ ଯୋଗ ଦେଇଥିବାରୁ ଅନେକଗୁଡ଼ିଏ ରୀତିନୀତି ସହିତ ପରିଚିତ ନଥିଲି। ଅନେକ ପ୍ରକାରର ସେବା, ଅନେକ ସେବାୟତଙ୍କୁ ମଧ୍ୟ ମୁଁ ଜାଣି ନ ଥିଲି। ହେଲେ ଅଜ୍ଞତାକୁ ଢାଲ କରି ଖସି ତ ହେବନି। ଯେକୌଣସି ମତେ ରଥଯାତ୍ରା ସୁଚାରୁ ରୂପେ ସଂପାଦନ କରିବାକୁ ହେବ। ନ ହେଲେ ସାଢ଼େ ଚାରି କୋଟି ଓଡ଼ିଆ କେବେ କ୍ଷମା କରିବେ ନାହିଁ। ସାଢ଼େ ଚାରିକୋଟି ଓଡ଼ିଆଙ୍କ କଥା ଛାଡ଼ନ୍ତୁ। ଜଣେ ଓଡ଼ିଆ ହିସାବରେ ନିଜକୁ ନିଜେ ମଧ୍ୟ କ୍ଷମା କରିହେବ ନାହିଁ। ତେଣୁ ମୁଁ ଯତ୍‌ପରୋନାସ୍ତି ଚେଷ୍ଟା କରୁଥାଏ ଟିକିନିଖି ସବୁ କଥା ବୁଝିବା ପାଇଁ। ଜାଣିବା ପାଇଁ। ସେଥିପାଇଁ ମୁଁ ଦିନଦିନ ଧରି ମନ୍ଦିର ଭିତରେ ରାତି ଅନିଦ୍ରା ହେଇ ରହିଛି। ରଥ ଦିନ ଯେତେ ପାଖଉଥାଏ ଉତ୍କଣ୍ଠା, ଉଦ୍‌ବେଗ ସେତେସେତେ ବଢୁଥାଏ। ରଥଯାତ୍ରାର ଦୁଇ ତିନି ଦିନି ଆଗରୁ କାମ ଏତେ ବଢ଼ି ଯାଏ ଯେ ଆଉ ରାତିରେ ବି ଘରକୁ ଯାଇହୁଏନି।



ରଞ୍ଜନ କୁମାର ଦାସ

ବାସ୍ତବରେ ଅକ୍ଷୟ ତୃତୀୟାଠାରୁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉ ଥିଲେ ହେଁ ଚନ୍ଦନଯାତ୍ରା ପରଠୁ ରଥଯାତ୍ରା ନୀତିକାନ୍ତିର ଭିତ୍ତି ପଡ଼େ। ସ୍ନାନପୂର୍ଣ୍ଣିମା ଦିନଠାରୁ ଏହା ଆହୁରି ଚଳଚଞ୍ଚଳ ହୁଏ। ସ୍ନାନପୂର୍ଣ୍ଣିମା ଦିନ ବିଳମ୍ବିତ ରାତ୍ରିରେ ଶ୍ରୀବିଗ୍ରହମାନେ ସ୍ନାନବେଦୀରୁ ଫେରିବା ପରେ ତାଙ୍କୁ ଅଣସର ପିଣ୍ଡି ଉପରେ ବିରାଜମାନ କରାଯାଏ। ଅଣସର ପିଣ୍ଡିରେ ରହିବା ପରେ ବାଡ଼ଗ୍ରାହୀ ଓ ଦଇତାପତି ସେବକମାନେ ଶ୍ରୀବିଗ୍ରହମାନଙ୍କ ଶ୍ରୀଅଙ୍ଗରୁ ରତ୍ନଚିତା, ରାହୁରେଖା ଆଦି ଉଲାଗି (ବାହାର) କରି ତଡ଼ାଉକରଣ ଓ ଦେଉଳକରଣଙ୍କ ମାର୍ଫତରେ ଦିଆଯାଏ। ଏହି ସବୁ ଅଳଙ୍କାର ଚାଙ୍ଗଡ଼ା ମେକାପଙ୍କ ପ୍ରଦତ୍ତ ଶ୍ରୀକପଡ଼ାରେ ଉତ୍ତମ ରୂପେ ବନ୍ଧା ଯାଇ ମଦନମୋହନଙ୍କ ମୁଦରେ ସିଲ୍ କରାଯାଇ ଭଣ୍ଡାର ମେକାପଙ୍କ ମାର୍ଫତରେ ରତ୍ନଭଣ୍ଡାର ମଧ୍ୟରେ ରଖାଯାଏ।

ଯେହେତୁ ଏସବୁ ମୂଲ୍ୟବାନ ଅଳଙ୍କାର ଲାଗି ଓ ଉଲାଗି ବେଳେ ରତ୍ନଭଣ୍ଡାର ଖୋଲାଯାଏ ସେସମୟରେ ସେଠି ରହି ମୁଁ ସେ ପ୍ରକ୍ରିୟାର ପ୍ରତ୍ୟକ୍ଷ ଅନୁଧାନ କରିବା ପାଇଁ ମନସ୍ଥ କରିଥିଲି। ସ୍ନାନ ପୂର୍ଣ୍ଣିମା ଦିନ ଚତୁର୍ଦ୍ଧା ମୂର୍ତ୍ତି ସ୍ନାନ ମଣ୍ଡପରୁ ଫେରିଲା ବେଳକୁ ପ୍ରାୟ ଭୋର୍ ଚାରିଟା ହେବ। ପ୍ରତି ବାଡ଼ (ଠାକୁର) ସହ ମୁଁ ସ୍ନାନମଣ୍ଡପରୁ ଅଣସର ବେଦୀ ଯାଏ ଆସୁଥାଏ ଓ ତାଙ୍କୁ ସଂସ୍ଥାପନା କଲାପରେ ପୁଣି ଫେରୁଥାଏ ସ୍ନାନବେଦୀ। ତିନିଠାକୁରଙ୍କ ଲେଉଟ ପହଣ୍ଡି



ସରିଗଲା। ଏଥର ଉଲାଗିର ବେଳ। ଗୋଟିଏ ପରେ ଗୋଟିଏ ରାହୁରେଖା, ଚିତା ଆଦି ଖୋଲା ହୋଇ ରତ୍ନଭଣ୍ଡାରକୁ ଯାଉଥାନ୍ତି। ମୁଁ ରତ୍ନଭଣ୍ଡାର ପାଖ ଖଟଶେଜ ଘର ନିକଟରେ ହାତ ଯୋଡ଼ି ଠିଆ ହୋଇଥାଏ। ଯେତେବେଳେ ଗୋଟିଏ ଗୋଟିଏ ଦିବ୍ୟ ଅଳଙ୍କାର ଯାଉଥାଏ ମୁଁ ତାକୁ ମୁଣ୍ଡ ନୁଆଁଇ ପ୍ରଣିପାତ କରୁଥାଏ। ସେବକମାନେ ଆଶୀର୍ବାଦ ସ୍ୱରୂପ ସେ ଅଳଙ୍କାର ସବୁ ମୋ ମୁଣ୍ଡରେ ଓ କେହି କେହି କାନ୍ଧରେ ଛୁଆଁଇ ଦେଉଥାନ୍ତି। ଏହି ସମୟରେ କେହି ଜଣେ ସେବକ, (ନାଁ ମନେପଡୁ ନାହିଁ) ଶ୍ରୀଜଗନ୍ନାଥଙ୍କ ଚିତା ନେଇ ଯାଉଥାନ୍ତି। ତାକୁ ମଧ୍ୟ ସେ ମୋ ମୁଣ୍ଡରେ ଛୁଆଁଇ ଦେଲେ। ମୁଁ ଜାଣି ନଥାଏ ତାହା ମହାବାହୁଙ୍କ ଚିତା ବୋଲି। ହଠାତ୍ ମୋ ଦେହରେ ଯେମିତି ହଜାର ହଜାର ଭୋଲ୍‌ଟର ବିଦ୍ୟୁତ୍ ସଂଚରି ଗଲା। ଦେହହାତ ଝିମ୍‌ଝିମ୍ ହେଇଗଲା। ମତେ ଲାଗିଲା ମୋ ମୁଣ୍ଡ ଭିତରେ ଯେମିତି କିଛି ଗୋଟେ ବୈଦ୍ୟୁତିକ ତରଙ୍ଗ ଖେଳିଯାଉଚି। ମୁଁ ଅବଶ ହୋଇପଡ଼ିଲି। ତଣ୍ଟି ଶୁଖିଗଲା ଭଳି ଲାଗିଲା। କାନ୍ଥକୁ ଆଉଜି





ପଡ଼ି ମୁଁ ଠିଆ ହେଇ ରହିବାକୁ ଚେଷ୍ଟା କଲି। ମାତ୍ର ବିଫଳ ହେଲି। ଅନନ୍ୟୋପାୟ ହେଇ ମୁଁ ଜୟବିଜୟ ଦ୍ୱାର ପାଖ ପାହାଚରେ ବସିପଡ଼ିଲି। ପାଖରେ ଥିବା ଏକ ପାଣିଗରାରୁ ପାଣିଟିକେ ନେଇ ମୁଣ୍ଡ ଓ ମୁହଁରେ ଛିଞ୍ଚିଲି। ମତେ ଶକ୍ତିହୀନ ଲାଗିଲା। ଭାବିଲି ଅର୍ଜୁନ ଯେତେବେଳେ ଶ୍ରୀକୃଷ୍ଣଙ୍କୁ ଶିଆଳିଲତା ତଳେ ଛୁଇଁ ଦେଇ ଶକ୍ତିହୀନ ହେଇଯାଇଥିଲେ ତାଙ୍କୁ ଏଇମିତି ଲାଗିଥିବ। କାଳିଆର ସଂସ୍ପର୍ଶରେ ଆସିଲେ ସେ ଯେତିକି କଳା ବୋଲିଦିଏ, ସେତିକି କଳାହରଣ କରିନିଏ ବୋଲି ଶୁଣିଥିଲି। ଭାବିଲି ସତେ ଆଜି ମୋର ସେଇ କଳାହରଣ ହୋଇଗଲା କି? ସେଇ ଅବସ୍ଥାରେ ଦେଖି ଜଣେ ସେବାୟତ ପଚାରିଲେ ସାର୍ କ'ଣ ଦେହ ଭଲ ଲାଗୁନି କି? ମୁଁ ତାଙ୍କୁ ସବୁକଥା କହିଲି। ସେ ମୁଣ୍ଡରେ ହାତଦେଇ ଜିଭ କାମୁଡ଼ି କହିଲେ, କିଏ ସେ ଆପଣଙ୍କୁ ସେ ଚିତା ଛୁଏଁଇଲା? ଚଣ୍ଡାଳ ସିଏ କ'ଣ ଜାଣିନି ତା' ପ୍ରଭାବ? ମୁଁ ଭାବିଲି ମୋ ଛୁଇଁବାଟା ବୋଧହୁଏ ଦୋଷାବହ ହେଲା। ତାଙ୍କୁ ପଚାରିଲି। ସେ କହିଲେ ଆପଣଙ୍କର ଦୋଷ କ'ଣ? ଆପଣ ତ ଜାଣିନାହାନ୍ତି ତା ମାହାତ୍ମ୍ୟ କଥା। ଯିଏ ଛୁଏଁଇଲା ସେ ଜାଣିବା କଥା। ଯାକୁ ଖୋଲାରେ ଥୋଇଦେଲେ ପରା ତା' ଜ୍ୟୋତିରେ ବିଦ୍ୟୁତ୍ ବଲ୍‌ବ ସବୁ ଫିଉଜ୍ ହେଇଯାଏ ବୋଲି ଆମେ ପିଲାବେଳେ ଶୁଣିଚୁ।

ମୁଁ ତାଙ୍କୁ ପଚାରିଲି, ଆପଣମାନେ ପୁଣି କେମିତି ଛୁଇଁକି ସମ୍ଭାଳୁଛନ୍ତି? ସେ କହିଲେ ଲାଇନ୍‌ମ୍ୟାନ ଇଲେକ୍‌ଟ୍ରି ଖୁଣ୍ଟିରେ ଚଢ଼ି ଖାଲି ହାତରେ ତାରକୁ ତାର ଯୋଡ଼ି ଦଉଚି। ତା'ର କ'ଣ କିଛି ହୁଏ? ଦେହ ଥରେ ଅଭ୍ୟସ୍ତ ହୋଇଗଲେ ସବୁ ଚଳେଇ ନିଏ। ଆପଣ ଅନଭ୍ୟସ୍ତ। ସେ ଲୋଡ୍ କ'ଣ ଆପଣ ନେଇପାରିବେ? ଟର୍ଚ୍ଚ ଲାଇଟ୍‌ର ବ୍ୟାଟେରୀରୁ ଯେତିକି କରେଣ୍ଟ ବାହାରିବ ସେତିକିକୁ ସମ୍ଭାଳିବାକୁ ପରା ମଣିଷ ସକ୍ଷମ ନୁହେଁ। ତା' ଦେହ ଝିମିଝିମି କରିଯିବ। କଥାବାର୍ତ୍ତା ଭିତରେ ସେ ମତେ ବାହାରକୁ ଡାକିଲେ। କହିଲେ ବାହାରକୁ ଆସନ୍ତୁ। ଖୋଲା ପବନରେ ବସିବା। ମୁଁ ସବୁ କଥା କହିବି।

ଆମେ ଆସି ବେହରଣ ଦ୍ୱାର ପାଖରେ ଖୋଲା ପବନରେ ବସିଲୁ। ସେ କହିଲେ ୧୯୭୮ ମସିହାରେ ରତ୍ନଭଣ୍ଡାରର ସବୁ ରତ୍ନ ମୂଲ୍ୟାୟନ ପାଇଁ ଏକ ବଣିଆ ଦଳ ତିରୁପତିରୁ ଆସିଥିଲେ। ସେମାନେ ତା'ର ମୂଲ୍ୟାୟନ ତ କରିପାରିଲେ ନାହିଁ ବରଂ କହିଲେ ଯେ ସେସବୁ ତାଙ୍କର କ୍ଷମତା ବହିର୍ଭୂତ। ସେମାନଙ୍କ କହିବା କଥା ଏ ବ୍ରହ୍ମଜ୍ୟୋତି ହୀରା ଦୁର୍ମୂଲ୍ୟ ଓ ଦୁର୍ଲଭ। ସାଧାରଣ ପାଞ୍ଚ ସାତ ରତିର ରତ୍ନପଥର ଧାରଣ କରିଦେଲେ ଯଦି ମଣିଷର ଭାଗ୍ୟ ବଦଳିଯିବ ବା ଦେହ ଓ ମନର ଉପଚାର ହେବ ବୋଲି ଆମେ ବିଶ୍ୱାସ କରୁଚେ, ତେବେ ୧୨୫ ଭରିର ଏ ହୀରା, ତା ଚାରିପଟେ ପୁଣି ୩ ସାତବେଢ଼ାରେ କେତେନା କେତେ ରତ୍ନ; ସେସବୁ ମଣିଷର ଦେହ ଓ ମନ ଉପରେ କି ପ୍ରଚଣ୍ଡ ପ୍ରଭାବ ପକଉ ନଥିବ? ତାକୁ ସମ୍ଭାଳିବା ଏତେ ସହଜ ନୁହେଁ। ରତ୍ନପଥର ଯଦି କାହାକୁ ନ ସୁହାଏ, ତେବେ ତାକୁ ପାଗଳ କରିଦବ, ଦୁର୍ଘଟଣାଗ୍ରସ୍ତ କରି ମାରିଦବ ବୋଲି ଆମେ ଶୁଣିଚୁ। ଆଉ ଏ ତ ମହାରତ୍ନ। ଏହାକୁ ଧାରଣ କରିବା ଠାକୁରଙ୍କ ଛଡ଼ା କାହା ପକ୍ଷେ ସମ୍ଭବ ନୁହେଁ। ଗୋଟିଏ ବିଷୁବ ସଂକ୍ରାନ୍ତିଠାରୁ ତା' ପରବର୍ତ୍ତୀ ବିଷୁବ ଯାଏ ଯଦି ଏ ହୀରା କାହା ଉପରେ ରଖାଯାଏ ତେବେ ସେ ଧାତୁ ବା ପାଷାଣ ତରଳି ଯିବ ବା ଭସ୍ମ ହେଇଯିବ। ସେଥିପାଇଁ ବୋଧହୁଏ ଶ୍ରୀଜଗନ୍ନାଥଙ୍କ ମସ୍ତକରେ ଏହା ବର୍ଷତମାମ ରଖାଯାଏ ନାହିଁ। ସ୍ନାନ ପୂର୍ଣ୍ଣିମାଠାରୁ ଶ୍ରାବଣ ଅମାବାସ୍ୟା ଯାଏ ପଇଁଚାଳିଶ ଦିନ ପରେ ଏହା ଖୋଲା ହେଇଯାଏ। ଶ୍ରୀଜଗନ୍ନାଥଙ୍କ ବିଗ୍ରହ ପରଂବ୍ରହ୍ମ ସ୍ୱରୂପ ଓ ବ୍ରହ୍ମଧାରଣ କରିଥିବାରୁ ଏହା ସେ ହୀରାକୁ ଧାରଣ କରିପାରେ, ତଥାପି ମଧ ତାକୁ ସାମୟିକ ଭାବେ ଖୋଲାଯାଏ ଶ୍ରୀଅଙ୍ଗକୁ ସୁରକ୍ଷା ଦେବା ପାଇଁ। ସାଧାରଣ ମନୁଷ୍ୟ ଏହା ଧାରଣ କଲେ ତା'ର ରକ୍ତସଂଚାଳନ ଏତେ ପ୍ରଖର ହେବ ଯେ ସେ ମନୁଷ୍ୟ ମୃତ୍ୟୁମୁଖରେ ପଡ଼ିପାରେ।


ମୁଁ ମୂର୍ଖ ବା କାହୁଁ ଜାଣିଥାନ୍ତି ଏତେ ଗୁମର କଥା? ମୁଁ ଯାହାକୁ ସୌଭାଗ୍ୟ ବା ଆଶୀର୍ବାଦ ଭାବୁଥିଲି ତାହା ହୁଏତ ହେଇପାରିଥାନ୍ତା ମୋ ମୃତ୍ୟୁ ବା ଦୁର୍ଦ୍ଦଶାର କାରଣ। ମୁଁ ତାଙ୍କ କଥା ଶୁଣି ତଟସ୍ଥ ହେଇ ବସି ରହିଲି କିଛିକ୍ଷଣ। ସେ କହିଲେ, ଆପଣଙ୍କ ଦେହରେ ତାକୁ କୌଣସି ମତେ ସହିନେବାର ଶକ୍ତି ଥିଲା ବୋଲି ଆପଣ ରକ୍ଷା ପାଇଗଲେ। ଇଏ କମ୍ କଥା ନୁହେଁ। ଆପଣଙ୍କ ଉପରେ ଠାକୁରଙ୍କ ଆଶୀର୍ବାଦ ନିଶ୍ଚୟ ଅଛି। ଆପଣ ଦୀର୍ଘାୟୁ ହେବେ। ମୋ ଆଖିରେ ଲୁହ ଆସିଯାଇଥିଲା। ମୁଁ ମୁହ୍ୟମାନ ଅବସ୍ଥାରେ ଥାଏ। କିଛି ବୁଝିବା ଅବସ୍ଥାରେ ନ ଥାଏ। ସେଇଠି ସେମିତି ଲମ୍ବ ହେଇ ପଡ଼ିଗଲି ମହାବାହୁଙ୍କ ଉଦ୍ଦେଶ୍ୟରେ। ମନେମନେ ଗାଇ ଉଠିଲି ଶରଣ ଦେ କି ମରଣ ଦେ, ସରଗ ଦେ କି ନରକ ଦେ...ଥରେ ତୋ ଡୋରିକୁ ଲଗେଇ ଦେ... । ଅନେକ ବେଳଯାଏ ସେମିତି ପଡ଼ିଥାଏ, ଉଠିବାକୁ ମନ ହଉ ନଥାଏ ସେ ଯାଗାରୁ। ଭାବୁଥାଏ, ଜଗାରେ, ଥରେ ଯଦି ଏ ଡୋର ଲଗେଇଚୁ ଆଉ ଏ ଡୋର ଯେମିତି କେବେ ଛାଡ଼ି ନ ଯାଏ! ତତେ ଛୁଇଁବାର, ତତେ ଅନୁଭବ କରିବାର ଏ ଅନନ୍ତ ଉଲ୍ଲାସ କେବେ ଅତୀତ ନହେଉ। ଚିରସ୍ଥାୟୀ ହୋଇ ରହିଥାଉ ଏ ହୃଦୟରେ। ଅମୃତବର୍ଷା କରୁଥାଉ ଏ ଜୀବନର ପ୍ରତିଟି ମୁହୂର୍ତ୍ତରେ। ■

ପୂର୍ବତନ ମୁଖ୍ୟ ପ୍ରଶାସକ
ଶ୍ରୀମନ୍ଦିର, ପୁରୀ
ମୋ: ୯୪୩୭୨୮ ୬୫୧୨





# ସୁଭଦ୍ରାଙ୍କ ହାତ



ସିଦ୍ଧେଶ୍ୱର ମହାପାତ୍ର
ଦେଉଳ ପୁରୋହିତ

**ସର୍ବ ରୂପମୟୀ ଦେବୀ ସର୍ବଂ ଦେବୀମୟଂ ଜଗତ୍**
**ଅତୋଽହଂ ବିଶ୍ୱରୂପାଂ ତାଂ ନମାମି ପରମେଶ୍ୱରୀମ୍।**
(ମୂର୍ତ୍ତି ରହସ୍ୟ, ସପ୍ତଶତୀ ଚଣ୍ଡୀ)

**ଅର୍ଥ** - ଦେବୀ ସମସ୍ତ ରୂପମୟୀ ଓ ସମଗ୍ର ଜଗତ ଦେବୀମୟ ଅଟେ। ଏଣୁ ମୁଁ ବିଶ୍ୱରୂପା ସେହି ପରମେଶ୍ୱରୀଙ୍କୁ ପ୍ରଣାମ କରୁଛି।

ଏବେ ଦିନେ ପିଲାଟିଏ ତା'ର ସରଳତାରେ ପଚାରିଲା – ସୁଭଦ୍ରାଙ୍କର କାହିଁକି ହାତ ନାହିଁ? ତାକୁ ତ ସହଜରେ ବୁଝାଇ ହେବ ନାହିଁ- ଚତୁର୍ଦ୍ଧାମୂର୍ତ୍ତି ନିରାକାର ଅଥଚ ନିରାକାର ନୁହନ୍ତି, ସାକାର କିନ୍ତୁ ପୂର୍ଣ୍ଣମାତ୍ରାରେ ସାକାର ନୁହନ୍ତି। ନିରାକାର ଓ ସାକାର ମଧ୍ୟରେ ଏକ ସୁନ୍ଦର ବୁଝାମଣା। ହାତ ଥିଲେ ବଳଭଦ୍ର ଓ ଜଗନ୍ନାଥ ଶ୍ରୀଭୁଜରେ ଯଥାକ୍ରମେ ହଳ ମୂଷଳ, ଶଙ୍ଖ ଚକ୍ର ଭଳି ସୁଭଦ୍ରାଙ୍କ ଦୁଇ ଭୁଜରେ ପାଶ ଓ ଅଙ୍କୁଶ ଅଙ୍କିତ ହୋଇଥାନ୍ତା। ପହଣ୍ଡି ସମୟରେ ସେ ଟେକା ହୋଇ ଯାଉ ନ ଥାନ୍ତେ। ଯାହା ହେଉ ଆମର ସୁନାମୁହିଁ ଦେବୀଙ୍କ ମୁଖଟି ସୁନ୍ଦର ଓ ହସହସ।

ଫେରିବା ସେହି ପ୍ରଶ୍ନକୁ। ସୁଭଦ୍ରାଙ୍କ ହାତ। ପିଲାଟିର ପ୍ରଶ୍ନର ଉତ୍ତରରେ କହିଲି- ସୁଭଦ୍ରାଙ୍କ ହାତ ଅଛି। ମୁଁ ଦେଖିଛି। ଅବଶ୍ୟ ସ୍ୱପ୍ନରେ। ଜୀବନରେ ଥରଟିଏ ଏକ ଅପୂର୍ବ ସ୍ୱପ୍ନ ଦେଖିବାର ସୁଯୋଗ ମିଳିଥିଲା। କେବଳ ଥରଟିଏ ମାତ୍ର।

ପଚିଶି ତିରିଶ ବର୍ଷ ତଳର କଥା। ପୌଷ ରାତି, ପାହାନ୍ତି ପହର। ସ୍ୱପ୍ନରେ ଦେଖିଲି ଚାଲିଛି। ଆମ ସାହିର ଦକ୍ଷିଣକାଳୀ ମନ୍ଦିର ପାଖ ଧର୍ମଶାଳା। ତା' ଭିତରେ ତିନୋଟି ପିଣ୍ଡିରେ ଦୁଇଜଣ ପୁରୁଷ ଓ ଦୁହିଁଙ୍କ ମଝିରେ ଜଣେ ନାରୀ ଠିଆ ହୋଇଛନ୍ତି। ପିଣ୍ଡିରେ ଠିଆ ହୋଇଛନ୍ତି, ଅଥଚ ସ୍ଥାଣୁ ନୁହଁନ୍ତି। ହଲୁଛନ୍ତି। କ'ଣ କଥା ହେଉଛନ୍ତି। ମୋ ମନରେ ସନ୍ଦେହ। ଦିଅଁ କ'ଣ ହଲୁଛନ୍ତି। ମୁଁ ପଛକୁ ପାଦ ପକାଇ ଧର୍ମଶାଳା ଦ୍ୱାରରେ ଠିଆ ହେଲି। ହଠାତ୍ ନାରୀ ମୂର୍ତ୍ତିଟି ମୋ ପାଖକୁ ଚାଲି ଆସି ମୋ ହାତରେ କିଛି ଫୁଲ ଢାଳି ଦେଇଛି। ସ୍ୱପ୍ନରେ ବି ସେ ଫୁଲ ବଡ଼ ବଡ଼, ନାଲି ଓ ଗୋଲାପି ଦିଶୁଥିଲା। ଚାଉଁକରି ନିଦ ଭାଙ୍ଗିଗଲା।

ଦେଉଳ ପୁରୋହିତ ଭାବରେ ମହାପ୍ରଭୁଙ୍କ ସେବାରେ ରହିଛି। ନିଶ୍ଚୟ କିଛି ଅଲୌକିକ ଅନୁଭୂତି ହୋଇଥିବ- ପ୍ରାୟତଃ ଏହି ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡ଼େ। କିଛି ଚମକପ୍ରଦ ଘଟଣା ମୋ ଠାରୁ ଆଶା କରାଯାଏ। କ'ଣ କହିବି ଚିନ୍ତାରେ ପଡ଼େ। ମୋର ବିଶ୍ୱାସ, ଏହି ସ୍ୱପ୍ନ ଏକ ଅଲୌକିକ ସ୍ୱପ୍ନ। ପ୍ରଥମ ଓ ବୋଧହୁଏ ଶେଷ। ■

ଶ୍ରୀମନ୍ଦିର ଦେଉଳ ପୁରୋହିତ
ପୁରୀ, ମୋ: ୯୪୩୯୪୫୪୭୬୬

ସିନ୍ଦୁର
ସକାଳ
www.sakalaepaper.com



# ବିରଳ ନାଗାର୍ଜୁନ ବେଶ ଦର୍ଶନ







ଡା. ସରୋଜିନୀ ଷଡ଼ଙ୍ଗୀ

**ଦେହରେ ତାଙ୍କର ବିଚିତ୍ରବର୍ଣ୍ଣର ଖଣ୍ଡୁଆ ପାଟ, ସେ ପାଟବସ୍ତ୍ରର ପ୍ରତିଟି ରେଶମ ସୂତାରେ ସଯତ୍ନେ ଲେଖା ହୋଇଥାଏ ଧାଡ଼ି ଧାଡ଼ି ଗୀତଗୋବିନ୍ଦର ଲଳିତ ପଦାବଳୀ। ସଂଗୀତକୁ ବସ୍ତ୍ର ରୂପରେ ଧାରଣ କରିବାର ନାନ୍ଦନିକତା ଅପୂର୍ବ। ଭାଷା, ଭାବ, ଭକ୍ତିର ସୁମଧୁର ରସରେ ରସାୟିତ ବଡ଼ ଦେଉଳ, ସ୍ୱୟଂ ସଂପୂର୍ଣ୍ଣ ପୁଣି ଚତୁର୍ଦ୍ଧା ମୂର୍ତ୍ତି, ପରିପୂର୍ଣ୍ଣ ବଡ଼ଦାଣ୍ଡ ଏବଂ ଗୁଞ୍ଜରିତ ମହୋଦଧି ସମସ୍ତେ ଭକ୍ତି ଓ ପ୍ରୀତିରେ ତଲ୍ଲୀନ। ସମସ୍ତଙ୍କ ହୃଦୟରେ ସମର୍ପଣର ତନ୍ମୟ ଭାବ, ଭକ୍ତିର ଲହରୀରେ ତନ୍ମୟ ମହୋଦଧି, ତନ୍ମୟ ଭକ୍ତବୃନ୍ଦ, ତନ୍ମୟ ବି ପ୍ରଭୁ। ଏଠି ଭକ୍ତ ବିହ୍ୱଳ, ବିଭୋର ବି ଭଗବାନ, ଭକ୍ତର ବିଶ୍ୱାସରେ ଓ ପ୍ରତିଟି ନିଃଶ୍ୱାସରେ ଥାଆନ୍ତି ଶ୍ରୀ ଜଗନ୍ନାଥ।**

ପ୍ରତିଦିନ ଶ୍ରୀମନ୍ଦିରରେ ବଡ଼ଠାକୁର ବିଭିନ୍ନ ବେଶରେ ସଜ୍ଜିତ ହୋଇଥାନ୍ତି। ଅତି ଅପରୂପ, ଅତି ମନଲୋଭା ସେ ଦୃଶ୍ୟ, ପ୍ରତ୍ୟେକ ରାତ୍ରିରେ ବିଭିନ୍ନ ଫୁଲରେ ପ୍ରଭୁ ହୁଅନ୍ତି ବଡ଼ ସିଂହାର ବେଶ। ଗୀତଗୋବିନ୍ଦର ଖଣ୍ଡୁଆ ପାଟ ପିନ୍ଧି, ଗୀତଗୋବିନ୍ଦ ଶୁଣି ପହୁଡ଼ ଯାଆନ୍ତି ପ୍ରଭୁ। ଏମିତି ଅନେକ ବେଶ ସେ ବିଭିନ୍ନ ପର୍ବପର୍ବାଣିରେ ହୁଅନ୍ତି, କିନ୍ତୁ ଅନେକ ବର୍ଷ ବ୍ୟବଧାନରେ, ତିଥି-ନକ୍ଷତ୍ରର ଅପୂର୍ବ ସଂଯୋଗରେ କେତୋଟି ବିରଳ ବେଶ ହୁଅନ୍ତି ପ୍ରଭୁମାନେ ଯେଉଁ ବେଶକୁ ଦର୍ଶନ କଲେ କୋଟି କୋଟି ଜନ୍ମରୁ ମୁକ୍ତି ମିଳିଥାଏ, ମୋକ୍ଷ ହୋଇଥାଏ ଭକ୍ତମାନଙ୍କର। ସେଭଳି ଗୋଟିଏ ବେଶ ହେଉଛି ପ୍ରଭୁଙ୍କର ନାଗାର୍ଜୁନ ବେଶ।

କାର୍ତ୍ତିକ ମାସର ଶେଷ ପାଞ୍ଚଦିନ ହେଉଛି ପଞ୍ଚୁକ। ଓଡ଼ିଆମାନଙ୍କର ଅତି ପବିତ୍ର ଏ ଦିନ। ପଞ୍ଚୁକ ପାଞ୍ଚଦିନ ଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରା ସୁନାବେଶରେ ସଜ୍ଜିତ ହୋଇଥାଆନ୍ତି। ତାକୁ ରାଜରାଜେଶ୍ୱର ବେଶ କୁହାଯାଏ। କିନ୍ତୁ ପାଞ୍ଚଦିନ ପରିବର୍ତ୍ତେ ପଞ୍ଚୁକ ଛଅଦିନ ପଡ଼ିଲେ ଷଷ୍ଠ ଦିନରେ ଶ୍ରୀଜିଉମାନଙ୍କର ନାଗାର୍ଜୁନ ବେଶ ହୋଇଥାଏ, ବହୁ ବର୍ଷ ବ୍ୟବଧାନରେ ଥରେ ସେ ବେଶ ଦେଖିବାର ସୌଭାଗ୍ୟ ଭକ୍ତମାନଙ୍କର ଭାଗ୍ୟରେ ଆସିଥାଏ।

ଏମିତି ଗୋଟିଏ ବିରଳ ବେଶର ସଂଯୋଗ ଘଟିଥିଲା ୧୯୮୫ ମସିହାରେ, କେଜାଣି କେତେ ବର୍ଷ ପରେ ଏ ନାଗାର୍ଜୁନ ବେଶର ଯୋଗ ପଡ଼ିଥାଏ। ପ୍ରଶାସନ କେମିତି ଏ ଅସମ୍ଭବ ଭିଡ଼କୁ ସମ୍ଭାଳିବେ ବୋଲି ସ୍ତବ୍ଧ ହୋଇଯାଇଥିଲେ। ଭିଡ଼କୁ ଭୀଷଣ ଡର ମୋ ସ୍ୱାମୀ ଡା. ରମାରମଣ ଷଡ଼ଙ୍ଗୀଙ୍କର। ସେ ରୋକ୍‌ଠୋକ୍ ମନା କରିଦେଲେ ଯେ, ଏତେ ଭିଡ଼ରେ ଦର୍ଶନ କରିବାକୁ ଯାଇପାରିବେ ନାହିଁ। ବରଂ ଟେଲିଭିଜନରେ ସେ ଦୃଶ୍ୟ ସେ ବେଶ ଦେଖିନେବା ଭଲ ହେବ। ସମ୍ବାଦପତ୍ର ଓ ଟେଲିଭିଜନ୍‌ରେ ଅହରହ ପ୍ରଚାର ଚାଲିଛି ଯେ, ପୁରୀରେ ଭୀଷଣ ଭିଡ଼ ହେବ ଏବଂ ଯାତ୍ରୀମାନେ ନିଜ ନିଜ ରିସ୍କରେ ଦର୍ଶନ କରିବେ। ତେଣୁ ମୁଁ ପୁରୀ ଯିବା ପାଇଁ ବୁଝାଇ ଥକିଗଲେ ବି ଡା. ଷଡ଼ଙ୍ଗୀ ଆଦୌ ଯିବାକୁ ଇଚ୍ଛା ପ୍ରକାଶ କଲେ ନାହିଁ। ଏତେ ବର୍ଷ ପରେ ଏ ବିରଳ ନାଗାର୍ଜୁନ ବେଶ ମହାପ୍ରଭୁଙ୍କର, ଏ ଚମ ଆଖି ସେ ଦିବ୍ୟଦର୍ଶନ କରି ପାରିବ ତ? ଅଗତ୍ୟା ସେଇ ପୁଣ୍ୟ ଦିନ ଆସି ପହଞ୍ଚିଲା, କିନ୍ତୁ ହୁଙ୍କିଲେନି ରମାରମଣ। ମତେ ବୁଝାଇ କହିଲେ, ଏ ଭିଡ଼ରେ ଦର୍ଶନ କରିବା ଅସମ୍ଭବ। ସେ ଭିଡ଼ ଭିତରକୁ ନଯାଇ ଏଇଠି ଟିଭିରେ ଦେଖି ମୁଣ୍ଡିଆ ମାରିଦେବା। ମୋ ମନ ଖରାପ ହୋଇଗଲା। ପୁରୀ ଯିବାର ସବୁ ଆଶା ମଉଳିଗଲା। ମୋ ଭାଗ୍ୟରେ ସେ ବିରଳ ଦର୍ଶନ ଯୋଗ ନାହିଁ ଭାବି ମନଦୁଃଖରେ ରହିଲି। ଛୁଟି କ୍ୟାନସଲ୍ କରିଦେଇ ହସ୍‌ପିଟାଲ ବାହାରିଲି। ହସ୍‌ପିଟାଲରୁ ଆସି ଲଞ୍ଚ ଖିଆ ସାରିଲୁ। ରୋଗୀ ଦେଖିବା ପରେ ପ୍ରାୟ ୫ଟା ବେଳକୁ ଫ୍ରି ହେଲି। କେଉଁଠି କେଜାଣି ଆଶାଟିଏ ଉଙ୍କିମାରିଲା ମନର ଗମ୍ଭୀର ଭିତରୁ। ଶେଷ ଚେଷ୍ଟା କରିବା ପାଇଁ ଆଗେଇ ଆସିଲି। ଗୁଜୁରାତି ପକା ବଡ଼ିଆ ଚା' କପେ ତିଆରି କରି ଡା. ଷଡ଼ଙ୍ଗୀଙ୍କ ପାଖକୁ ଗଲି ଏବଂ ପଚାରିଲି "ଏବେ ଫ୍ରି ହେଲଣି ନା କିଛି କାମ ଅଛି?"

ହସି ହସି ସେ ପଚାରିଲେ- ଆଜି କ'ଣ ଏତେ ଭାଗ୍ୟ ମୋର, ଗୁଜୁରାତି ପକା ଚା' କପେ ନିଜ ହାତରେ ଆଣିଲଣି! କଥା କ'ଣ?"

ମୁଁ ସଙ୍ଗେ ସଙ୍ଗେ କହିଲି – "ମତେ ଟିକେ ପୁରୀ ନେଇ ଯାଆନ୍ତନି? ପ୍ରଭୁଙ୍କର ନାଗାର୍ଜୁନ ବେଶ ଟିକେ ଦର୍ଶନ କରି ଆସନ୍ତେ।" କି ଯାଦୁ ସେ ପଦିଏ କଥାରେ ଥିଲା କେଜାଣି ଡା. ଷଡ଼ଙ୍ଗୀ ତୁରନ୍ତ ରାଜି ହୋଇ କହିଲେ 'ହଉ ବାହାର'। କାଳ ବିଳମ୍ବ ନକରି ନାଲି ମାରୁତି ଗାଡ଼ି ଧରି ଦୁହେଁ ବାହାରି ପଡ଼ିଲୁ, ରାସ୍ତା ସାରା କ୍ୟାସେଟ୍‌ରେ ଜଗନ୍ନାଥଙ୍କ ଜଣାଣ ବାଜୁଥାଏ ଏବଂ ଅପୂର୍ବ ଏକ ଭକ୍ତିଭାବରେ ଆମେ ତନ୍ମୟ ହୋଇଯାଇଥିଲୁ। କେମିତି ଯାଇ ପୁରୀରେ ପହଞ୍ଚିବୁ ଓ ଠାକୁରଙ୍କୁ ଦର୍ଶନ କରିବୁ ଆମ ଆଖିରେ ପଲକ ପଡୁ ନଥାଏ।


ଯାହା ହେଉ ଆମେ ଶେଷରେ ଶ୍ରୀକ୍ଷେତ୍ରରେ ପହଞ୍ଚିଗଲୁ। ଅଗତ୍ୟା ଆମକୁ ଲମ୍ବା ଧାଡ଼ିରେ ରହିବାକୁ ପଡ଼ିଲା। କିନ୍ତୁ ଏତେ ବଡ଼ ଲମ୍ବାଧାଡ଼ି ଦେଖି ଆମର ହୋସ୍ ଉଡ଼ିଗଲା। ଶ୍ରୀମନ୍ଦିରଠାରୁ ହସ୍‌ପିଟାଲ ଯାଏଁ ଲାଇନ୍। ଲାଇନ୍‌ରୁ ବାହାରି ଆସି କପେ କପେ କଫି ପିଇଲୁ ଏବଂ ସିଧା ଜଣେ ବନ୍ଧୁଙ୍କ ଘରେ ଯାଇଁ ପହଞ୍ଚିଲୁ। ତାଙ୍କର ଜଣେ କର୍ମଚାରୀ ଆମ ସାଙ୍ଗରେ ଆସି ଆମକୁ ମନ୍ଦିର ଭିତରକୁ ନେଇ ଗଲେ। ପ୍ରବଳ ଭିଡ଼ ଓ ଜନଗହଳି। ମନ୍ଦିର ଭିତରେ ପହଞ୍ଚି ଠାକୁରଙ୍କ ପାଖକୁ ଗଲାବେଳକୁ ରାତି ୧୨ଟା ହେଲାଣି। ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ଠିଆ ହୋଇ ସେ ଅନିନ୍ଦ୍ୟ ସୁନ୍ଦର ବେଶ ଦେଖି ଆମେ ସ୍ତମ୍ଭିତ ହୋଇଗଲୁ। ଶ୍ରୀଜୀଉଙ୍କ ବେଶ, ପୋଷାକ, ପଗଡ଼ି, ଅସ୍ତ୍ରଶସ୍ତ୍ରରେ ଆଭୂଷିତ, ସାରା ଶରୀରରୁ ଏକ ଉଜ୍ଜ୍ୱଳ ଦୀପ୍ତି ବିକିରଣ ହେଉଥିଲା। ଅନିର୍ବଚନୀୟ ସେ ବେଶ। ବିଶ୍ୱର ସର୍ବଶ୍ରେଷ୍ଠ ସୌନ୍ଦର୍ଯ୍ୟମୟ ଐଶ୍ୱର୍ଯ୍ୟମୟ ଯୋଦ୍ଧା ଭାବରେ ସେ ରତ୍ନ ସିଂହାସନରେ ଉଭା ହୋଇଥିଲେ। ଶ୍ରୀଜୀଉଙ୍କର ସେବକମାନେ ହଠାତ୍ ଡା. ଷଡ଼ଙ୍ଗୀଙ୍କୁ ଧାଡ଼ିରୁ କାଢ଼ି ନେଲେ ଏବଂ ତାଙ୍କ ହାତ ଧରି ମୁଁ ମଧ୍ୟ ଟାଣି ହୋଇଗଲି। କିଏ ଟାଣି ନେଲା ମତେ? ନିର୍ନିମେଷ ନୟନରେ ଆମେ ଚନ୍ଦନ ଅର୍ଗଳି ଆଗରେ ଠିଆ ହୋଇ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କଲୁ। ଆମେ ଭୁଲିଗଲୁ ଆମର ପରିଚୟ, ଆମର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ। ଆମେ କ'ଣ ପହଞ୍ଚିଗଲୁ ବିଷ୍ଣୁ ପୁରୀରେ? ପଛରେ ବହଳ ଅନ୍ଧାର, ସାମ୍ନାରେ ବିରାଜମାନ ଅପୂର୍ବ ସୌନ୍ଦର୍ଯ୍ୟମୟ ନାଗାର୍ଜୁନ ବେଶ। ହେ ପ୍ରଭୁ, ଏ କ'ଣ ସେଇ ନାଗାର୍ଜୁନ ଯିଏ ନିଜ ଅଜାଣତରେ ନିଜ ବାପାଙ୍କର ମୁଣ୍ଡ କାଟ କରିଥିଲେ। ସତରେ, ନାଗାର୍ଜୁନ ବେଶରେ ପ୍ରତିଟି ବିନ୍ଦୁରେ ଉଦ୍ଭାସିତ ହେଉଛି ତାଙ୍କର ଦୀପ୍ତି, ଆଲୋକିତ କରୁଛି ରତ୍ନ ସିଂହାସନ ଓ ଶ୍ରୀମନ୍ଦିର ଗମ୍ଭୀରା, ସୁନାର ପାଦ ଓ ହାତ ପ୍ରସାରିତ। ଦୀର୍ଘକାୟ ବପୁ, ଅସ୍ତ୍ରଶସ୍ତ୍ର ଓ ସାଞ୍ଚରେ ସୁସଜ୍ଜିତ। ଆମେ ଦୁହେଁ ଆଣ୍ଠେଇ ପଡ଼ିଲୁ। ସେ ରୂପର ବର୍ଣ୍ଣନା କରିବାକୁ ମୋର ଓଠରେ ଭାଷା ନାହିଁ କି ମୋ ଲେଖନୀରେ ଶବ୍ଦ ନାହିଁ। କେବଳ ଏକ ପଦ୍ମଫୁଲର ମହ ମହ ସୁଗନ୍ଧରେ ସାରା ଶରୀର, ମନ ଓ ଆତ୍ମା ଯାହା ମହକି ଉଠିଲା ଏବଂ ଆମର ସାରା ଜୀବନକୁ ନେଇ ଆକାଶର କେଉଁ ଶୀର୍ଷ ଦେଶରେ ବସାଇ ଦେଲା। ପରିପୂର୍ଣ୍ଣ ହୋଇଗଲା ଦୁଇ ଚକ୍ଷୁ, ପରିପୂର୍ଣ୍ଣ ହୋଇଗଲା ଶୂନ୍ୟ ଆଞ୍ଜୁଳା ଆମର। ସମସ୍ତଙ୍କର ଏ ଅନନ୍ତ ବିଶ୍ୱ ରୂପ ଦର୍ଶନ କରିବାର ଭାଗ୍ୟ ନଥାଏ। ତାଙ୍କ ମହିମାକୁ ଯିଏ ଶ୍ରବଣ, କୀର୍ତ୍ତନ, ସ୍ମରଣ, ପ୍ରମାଣ, ବଚନ, ବନ୍ଦନ, ସଖ୍ୟପଣ, ଭୃତ୍ୟପଣ ଓ ଆତ୍ମସମର୍ପଣ କରେ ସେ ସିଦ୍ଧି ଲାଭ କରେ। କିନ୍ତୁ ବେଳେ ବେଳେ ଏଇଭଳି ବିନ୍ଦୁଏ କୃପାଜଳ ପଡ଼ିଥାଏ ଭକ୍ତର ଦୁଇ ପାପୁଲିରେ ଏବଂ ବେଳେ ବେଳେ ରେଣୁଏ ରଶ୍ମି, ଭକ୍ତକୁ ଚକ୍ଷୁଷ୍ମାନ କରିଦିଏ ଏବଂ ମୋକ୍ଷର ବାଟଟିଏ ଫିଟାଇ ଦିଏ।

କିପରି ରାତି ୩ଟାରେ ଗାଡ଼ିରେ ଡ୍ରାଇଭ୍ କରି ପୁରୀରୁ କଟକ ଫେରିଲୁ ଆମେ ଜାଣିନାହୁଁ। ଯେପରି ଟ୍ରାନ୍ସରେ ଥିଲୁ, ମୋହିତ ହୋଇଯାଇଥିଲୁ, ଆମେ ଆମ ଭିତରେ ନଥିଲୁ, ଗାଡ଼ି ସିନା ଚାଲୁଥିଲା କିନ୍ତୁ ଆମେ ଥିଲୁ ସେମିତି ଆଣ୍ଠେଇ ପଡ଼ି ପ୍ରଭୁଙ୍କ ପଦ୍ମପାଦ ତଳେ। ପ୍ରଭୁଙ୍କର ଏ ଦିବ୍ୟ ଦର୍ଶନ, ଏକ ସତେଜ ସ୍ପନ୍ଦନଟିଏ ହୋଇ ରହିବ ଏବଂ ପ୍ରଭୁ ପ୍ରତିଭାତ ହେଉଥିବେ ହୃଦୟରେ ଏକ ମୁଗ୍ଧ ସମାହିତ ସୂକ୍ଷ୍ମାତି ସୂକ୍ଷ୍ମ ରୂପରେ ଚିରକାଳ। ଜୟ ଜଗନ୍ନାଥ। ■

ଲିଙ୍କ୍‌ରୋଡ୍, କଟକ-୧୨
ମୋ: ୯୪୩୭୦୫୫୦୦୭

# ନୀଳାଦ୍ରି ବିଜେରେ ପ୍ରଭୁ ବିଜେ





ଚୁନରା ସେବକ ଶରତ କୁମାର ମହାନ୍ତି

**ମୁଁ ଦେଖିଛି ପ୍ରଭୁଙ୍କର ସେତେବେଳର ବାହୁଡ଼ା ପହଣ୍ଡି, ନୀଳାଦ୍ରି ବିଜୟ, ପ୍ରଥମେ ରାମକୃଷ୍ଣ ଏବଂ ଶେଷରେ ମହାପ୍ରଭୁ ଜଗନ୍ନାଥ ଘଣ୍ଟ ଘଣ୍ଟାର ପ୍ରଚଣ୍ଡ ତାଳ ଅନୁସାରେ ନିନାଦିତ ହେଉଥାଏ ଗଗନ ପବନ, ମୋ ବାବା ହାତରେ କର୍ପୂର ଧରି ଦିଅଁମାନଙ୍କୁ ଲାଗି କରିବା ପାଇଁ ଦଣ୍ଡାୟମାନ ଥାଆନ୍ତି ସାତ ପାହାଚ ନିକଟବର୍ତ୍ତୀ ଆମର ଦୀପ ଦୋକାନ ନିକଟରେ ଦଇତାପତି ସେବକମାନେ ମୋ ବାବାଙ୍କୁ ହାତ ଧରି ଭିଡ଼ି ନିଅନ୍ତି ପ୍ରଭୁଙ୍କ ନିକଟକୁ। ପୋଲିସମାନେ କର୍ଡନ ହୁଗୁଳା କରି ଦିଅନ୍ତି। ପୂଜାପଣ୍ଡା ସାମନ୍ତଙ୍କ ହାତରେ ଦାସିଆ ହାଣ୍ଡି ଦୁଧଗୁଡ଼ିକରେ ମସଲା ପଡ଼ି ଭୋଗ ଲାଗେ ଏବଂ ଜନସମୁଦ୍ରକୁ ବିତରଣ କରାଯାଏ। ଏତେ ପରିମାଣରେ ଦୁଧ ପଣା ବଣ୍ଟା ଯାଏ ଯେ ଉତ୍ତର ଦ୍ୱାର ନିକଟରେ କୁରୁମ ବେଢ଼ା ପାର୍ଶ୍ୱରେ ଦୁଗ୍ଧର ବନ୍ୟା ସୃଷ୍ଟି ହୋଇଥାଏ। ଘଣ୍ଟୁଆ ସେବକମାନେ, ନିଜ ନିଜର ଘଣ୍ଟ ବୁଡ଼ାଇ ସେଥିରେ ଦୁଧ ପିଇଥାଆନ୍ତି। ଅନ୍ୟମାନେ ଓଳି, ମଠ କୁଡୁଆ ଇତ୍ୟାଦିରେ ଖାଲି ଦୁଧ ନୁହେଁ, ସର, ରାବିଡ଼ି, ରସଗୋଲା, ସୋଲାଫାଳ, ମହନଭୋଗ, ପଟ ତାଡ଼ିଆ, ରସାବଳି ଇତ୍ୟାଦି ପ୍ରସ୍ତୁତ କରି ମହାପ୍ରଭୁଙ୍କ ମୁହଁରେ ପକାଇଥାନ୍ତି ଏବଂ ବିତରଣ କରିଥାନ୍ତି।**

ମୁଁ ଦେଖିଛି ମହାଜନ ସେବକ ଏବଂ ଦଇତାମାନଙ୍କ ପାଇଁ ବେହେରଣ ଦ୍ୱାର ନିକଟରେ ବାଦାମ ସର୍ବତ ୧ ଡ୍ରମ ତିଆରି କରି ମଧ୍ୟ ବାବା ରଖି ଦେଇଥାନ୍ତି ପହଣ୍ଡି ସମୟ ପରେ ସେମାନେ ତୃଷ୍ଣା ନିବାରଣ କରିବା ପାଇଁ। ମୋର ମନେପଡ଼େ ଗୋଟିଏ ବର୍ଷ ରାମକୃଷ୍ଣଙ୍କୁ ଦୁଧ ଭୋଗ ହୋଇ ପାରିଲା ନାହିଁ। ପଛପଟରୁ ଭୋଗ ଲାଗିଲା, ସେତେବେଳେ ସେ ଜଗମୋହନ ଭିତରେ ପ୍ରବେଶ କରିସାରିଥିଲେ। ସୁଦର୍ଶନ ଦୌଡ଼ି ଦୌଡ଼ି ଭିତରକୁ ଚାଲିଗଲେ, ବଳଭଦ୍ରଙ୍କୁ ମଧ୍ୟ ପଛପଟରୁ ଭୋଗ ହେଲା। ଆଉ ମା' କାମ୍ପିଲ୍ୟବାସିନୀ ସୁଭଦ୍ରାଙ୍କୁ ମଧ ଟେକି ଟେକି ନେଇଗଲେ। ମୋ ବାବାଙ୍କର ଅନ୍ତରାତ୍ମା କାନ୍ଦି ଉଠିଲା। ମନଦୁଃଖରେ ସୂର୍ଯ୍ୟ ମନ୍ଦିର ବାରଣ୍ଡାରେ ଶୋଇପଡ଼ିଲେ। ଗୋଟି ପହଣ୍ଡି ଚାଲିଥିଲା ଲକ୍ଷ୍ମୀ ଠାକୁରାଣୀ ରୋଷଶାଳାକୁ ବିଜେ କରୁଥିଲେ, ମୋ ବାବା କାନ୍ଦି କାନ୍ଦି କହିଲେ ପ୍ରଭୁ ବର୍ଷକୁ ଗୋଟିଏ ଥର ଆଜି ଦିନରେ ପଣା, ପାଣି ଟିକିଏ ଆପଣଙ୍କ ମୁହଁରେ ପକାଇ ଥାଏ। ଆପଣ ତ ବାସନା ଭୋଗୀ, ଭୋଗକୁ ଟିକିଏ ବି ଅନାଇଲେ ନାହିଁ, କ'ଣ ହାଣ୍ଡି, କୁଡୁଆ ମାରା ହୋଇଗଲା କି? ଏହା ଭାବି ଭାବି ଶୋଇପଡ଼ିଛନ୍ତି। ହଠାତ୍ ଭକ୍ତବାଞ୍ଛା କଳ୍ପତରୁ ଅନ୍ତର୍ଯ୍ୟାମୀ ଜଗତର ନାଥ କାଳିଆ ସାଆନ୍ତ ଆମ୍ଭ ଦୀପ ଦୋକାନର ଖୁଣ୍ଟ ଭିତରେ ଶ୍ରୀଭୁଜ ପ୍ରବେଶ କରାଇ କରମାଡ଼ି ଆଉଜି ପଡ଼ିଲେ। ଦଇତାପତି ସୁଆର, ପିଠିଆ ଇତ୍ୟାଦିଙ୍କର ସମସ୍ତ ଚେଷ୍ଟା ଧୂଳିସାତ ହେବାକୁ ବସିଲା। ଅନ୍ୟ ଉପାୟ ନ ପାଇ ଦଇତାପତି ନିଯୋଗର ବରିଷ୍ଠ ଦଇତା, ନରସିଂହ ଜେନେ ଡାକ ଛାଡ଼ିଲେ ହେ କୁଞ୍ଜ କୁଆଡ଼େ ଗଲୁ ଚଞ୍ଚଳ ଆ ନିଜ ହାତରେ କର୍ପୂର ବୋଲେ କ'ଣ ତାକୁ କହିଛୁ, ତୁ ନ ଖାଇଲେ ସେ ଯିବନିରେ ଭିତରକୁ, ଆମେ ସବୁ ଏମିତି ଭାସୁଥିବା, ମୁଁ ଦେଖିଛି ସେ ପରିବେଶ ମୋ ବାବା ଦଉଡ଼ି କରି ଆସିଲେ। ଦୁଧ ଭୋଗ ଲାଗିଲା, ଫାଳଶୋଲା ଲାଗିଲା, କର୍ପୂର ଲାଗିଲା, ଶ୍ରୀଚରଣ ତଳେ କାଠଗଣ୍ଡି ଭଳି ମୋ ବାବା ପଡ଼ିଲେ, କୁଣ୍ଡାଇଲେ, କିନ୍ତୁ ଘଣ୍ଟର ତାଳେ ତାଳେ ରାଘବ ଦାସ ଟାହିଆକୁ ହଲାଇ ହଲାଇ ପ୍ରଭୁ ସେଇଠି ଅଚଳ ମହାମେରୁ ହୋଇ ଠିଆ ହୋଇଥାନ୍ତି, କେହି ଜଣେ କହିଲେ ପିଠିରେ ହାତ ମାରି ଆଉଁଷି ଦେଇ ଯିବାକୁ କହ, ମୋ ବାବା ସେହିଭଳି କରିବାରୁ ଗୁଣ୍ଠୁଣି ହାତୀ ଭଳି, ସାତ ପାହାଚ ସିଡ଼ି ଚଢ଼ି ଚଢ଼ି ପ୍ରଭୁ ଭିତରକୁ ପ୍ରବେଶ କଲେ। ■

ଶ୍ରୀନ୍ଦିର, ଚୁନରା ସେବକ
ମୋ: ୯୯୩୭୦୬୪୦୪୮





# ପ୍ରଭୁଙ୍କ ପଖାଳରେ ମନ



ଛନ୍ଦା ମିଶ୍ର

ତେବେ ମୋ ଭାବିବା ନ ଭାବିବାରେ କ'ଣ ଅଛି! ମୁଁ ଏମିତି କୋଉ ଗାଈର ଗୋବର ଯେ କାଳିଆ ମତେ ଅନେଇ ବସିବ। କେଡ଼େ ଭାଗ୍ୟ ଥିଲେ, କେତେ ସହସ୍ର ଜନ୍ମର ତପସ୍ୟାର ପୁଣ୍ୟଫଳ ଥିଲେ ସିନା ଜଣେ ସାଲବେଗ ବା ଦାସିଆ ବାଉରୀ ହୋଇ ଭୂମିଷ୍ଠ ହେବ, ଆଉ ତା' ଆସିବା ବାଟକୁ ଆଖି ଫାଡ଼ି ଅପେକ୍ଷା କରିବ ଚକାନୟନ। ପୁଣି ଶୁଣିଥିଲି, ଠାକୁର କାଳେ ସେତେବେଳେ ଘିଅ ପଖାଳ ଓ ପୋଡ଼ ପିଠା ଖାଆନ୍ତି। ଯୋଉ ପଖାଳ ଖିଆ ଓଡ଼ିଆଙ୍କୁ ସମସ୍ତେ ନାକ ଟେକନ୍ତି, ତା'ର ପ୍ରଭୁ ପୁଣି ନିଜେ ତାକୁ ଖାଇବାକୁ ଆଗ୍ରହ କରନ୍ତି! ହଁ ନହେବ

ସମସ୍ତେ କହନ୍ତି, "ରାତି ଦଶଟା ପରେ ଗଲେ, ଜଗନ୍ନାଥଙ୍କୁ ଟିକେ ନିରୋଳାରେ ଦେଖି ପାରିବ। ଆଉ ସେତିକି ବେଳେ ପ୍ରଭୁଙ୍କର ବଡ଼ସିଂହାର ବେଶ ଦେଖିଲେ ଆଖି ହୋଇଯିବ ଧନ୍ୟ।" ଭାରି ଇଚ୍ଛା ଥିଲା ଠାକୁରଙ୍କୁ ଥରେ ନିକାଞ୍ଚନରେ ଭେଟିବାକୁ। ଯେତେବେଳେ କେହି କୁଆଡ଼େ ନଥିବେ, ଖାଲି ରତ୍ନସିଂହାସନ ଉପରେ ସେ ଥିବେ, ଆଉ ତଳେ ଥିବି ମୁଁ। ସମ୍ପୂର୍ଣ୍ଣ ଶ୍ରୀମନ୍ଦିର ଥିବ ଶୂନଶାନ୍। ଅଖଣ୍ଡ ନୀରବତା ମଧ୍ୟରେ ଆଖି ପୂରେଇ, ମନ ଭରି ସେ ଭୁବନମୋହିନୀ ରୂପରେ ତଲ୍ଲୀନ ହେବି। କାଳିଆର କଳା ଦେହଟିକୁ କୁଣ୍ଢେଇ ଧରିବି ଆତ୍ମା ତୃପ୍ତ ହେଲା ଯାକେ। ତା'ର ସେ ଚନ୍ଦନ ଚର୍ଚ୍ଚିତ ଶରୀରକୁ ଆଘ୍ରାଣ କରି ଛାତିରେ ଛାତିଏ କାଳିଆ କାଳିଆ ବାସ ଭରି ଦେଇ ହୋଇଯିବି ପୂର୍ଣ୍ଣ। ତେବେ, ଯେବେ କାଳିଆ ପାଖକୁ ଯାଏ ପ୍ରବଳ ଗହଳି ଓ ଠେଲା ପେଲାରେ ବି ସେ ଚକାଆଖି ସହ ଆଖି ମିଶିଗଲେ ପ୍ରଚଣ୍ଡ କୋଳାହଳ ଭିତରେ ମଧ୍ୟ ଅଖଣ୍ଡ ନୀରବତା ମନପ୍ରାଣକୁ ଆଚ୍ଛନ୍ନ କରେ। ଯାହା ଭାବି ଭାବି ଯାଇ ଥାଏ, କିଛି କହି ପାରେନି। ସବୁ ବ୍ୟାକୁଳତା, ସବୁ କୋହ, ସବୁ ଲୁହ ପୁଣି ମୋରି ସହିତ ଫେରି ଆସନ୍ତି। ଏତେ ଭିଡ଼ରେ କ'ଣ ମନର କଥା କୁହାଯାଇ ପାରେ! ସେଥିପାଇଁ ଟିକେ ନିର୍ଜନତା ଆବଶ୍ୟକ ନା।



କାହିଁକି, କବିଚନ୍ଦ୍ର ପରା କହିଛନ୍ତି, ଯିଏ ପଖାଳ ନ ଖାଇଚି, ସେ କାଳେ ମଣିଷ ଯାକରେ ଅଣ ପୁରୁଷା। ଖୁବ୍ ଆଗ୍ରହ ଥିଲା, ପ୍ରଭୁଙ୍କ ସେ ସୁବାସିତ ଫୁଲ ମଣ୍ଡିତ ବଡ଼ ସିଂହାର ବେଶ ଦେଖି ତାଙ୍କରି ଘିଅ ପଖାଳରୁ କଣିକାଟିଏ ପାଇବାକୁ। ସେ ସୌଭାଗ୍ୟ କଣ ସତରେ ଆସିବ!! ସତରେ କ'ଣ ଠାକୁର ଏ ଅକିଞ୍ଚନକୁ ଏତିକି ସୁଦୟା କରିବେ!!

ହଁ ଦିନେ ପ୍ରଭୁଙ୍କ ଡୋରି ଲାଗିଲା। ଆମେ ରାତି ପ୍ରାୟ ୯ଟା ସମୟରେ ପୁରୀରେ ପହଞ୍ଚିଲୁ। ହୋଟେଲରେ ଜିନିଷ ଥୋଇ ମନ୍ଦିରରେ ପହଞ୍ଚିଲା ବେଳକୁ ରାତି ଦଶଟା।

ଦେଖା ହୋଇଗଲେ ପରିଚିତ ଜଣେ। ନେଇ ବସେଇ ଦେଲେ ଗୋଟିଏ କୋଣରେ। କହିଲେ, "ଏଇ କଡ଼ିକିଆ ହେଇ ବସ ଯେ, କେହି ଉଠେଇବେନି। ମଣିମାଙ୍କ ସବୁ ନୀତିକାନ୍ତି ଦେଖି ପାରିବ ଆରାମରେ।" ପରିଚିତ ଚାଲିଗଲେ। ଚାରି ଆଡ଼କୁ ଆଖି ପକାଇଲି। କିନ୍ତୁ କାଇଁ ଭକ୍ତଙ୍କ ଭିଡ଼ରେ ତ ଟିକିଏ ବି ଊଣା ହୋଇନି। ଏଇୟାକୁ କ'ଣ ନିରୋଳା କୁହଯାଏ? ଏତେ ମନ କରିଥିଲି କାଳିଆ ସୁନାକୁ ଏକାନ୍ତରେ ଟିକେ ଭେଟିବି ବୋଲି...ଅବଶ୍ୟ ସେ ରାଜା ଲୋକ, ଭିଡ଼ ଭାଡ଼, ହୋ ହୋ, ଘୋ ଘୋ ନହେଲେ ବୋଧେ ତାକୁ ଭଲ ଲାଗୁନଥିବ। ମୋ ପାଇଁ ସିନା ସେ ଏକା, ହେଲେ ତା ପାଇଁ ତ ମୋ ପରି କୋଟିଏ। ଜଗତର ନାଥ ସିଏ, ଜଗତ ଜନଙ୍କୁ କୋଳେଇ ନେବା ପାଇଁ ବାହୁ ମେଲାଇ ଦେଇଚି ପରା। ଏଠି ସମସ୍ତେ ବ୍ୟାକୁଳ ତା' ପାଇଁ, ହେଲେ ତାର ବ୍ୟାକୁଳତା କାହା ପାଇଁ?

ଧୀରେ ଧୀରେ ନିଜ ଭିତରେ ନିଜେ ସଙ୍କୁଚିତ ହୋଇ ଯାଉଥିଲି। ବାଡ଼ କଡ଼ରୁ ଦେଖିବାକୁ ଚେଷ୍ଟା କଲି, ଚକାଆଖିରୁ ଗୋଟିଏ ମାତ୍ର ଦିଶିଲା ତା ବି ଅଧା। ସେତିକି ଥିଲା ଯଥେଷ୍ଟ, ନିଜଠାରୁ ନିଜକୁ ହଜେଇ ଦେବା ପାଇଁ।

କେତେବେଳ ଯାଇଚି କେଜାଣି, ହଠାତ୍ ଶୁଭିଲା ପାଟି ତୁଣ୍ଡ। ଦେଖିଲା ବେଳକୁ କାଳିଆ ରାଜାର ସେବକମାନେ ବୋହି ଆଣୁଥାନ୍ତି ରତ୍ନ ପଲଙ୍କ। ପ୍ରକୃତିସ୍ଥ ହେଲି, ଠାକୁରଙ୍କ ଶୟନ ନୀତି ଦେଖିବାକୁ ଆସିଛି ପରା। ଟିକେ ସଚେତନ ନରହିଲେ...କିନ୍ତୁ ସମଗ୍ର ସୃଷ୍ଟିର ଚେତନାକୁ ଯିଏ କରୁଛି ନିୟନ୍ତ୍ରଣ ତା' ନିକଟରେ ସଚେତନ ରହିବା କ'ଣ ଏତେ ସହଜ କଥା କି!

ମୃଦଙ୍ଗ, ଝାଞ୍ଜ, କରତାଳ ସହ ଗୀତ ଗୋବିନ୍ଦ ଗାନ ଚାଲିଥାଏ। ପାଖରେ ବସିଥିବା ଜଣେ ଭକ୍ତ ବତେଇ ଦେଉଥାନ୍ତି, ହେଇ ଦେଖ ପଇଡ଼ ପାଣି ଦିଆ ଗଲା ତମ୍ବା ପାତ୍ରରେ...ଏବେ ନିଦ୍ରାଦେବୀଙ୍କୁ ନିମନ୍ତ୍ରଣ କରିବେ। ସେତେବେଳକୁ ଆମେ ଆସି ହୁଣ୍ଡି ପାଖରେ ଠିଆ ହେଲୁଣି। ପାଦକୁ ଟେକି ଜଗାକୁ ଦେଖିବା ପାଇଁ ଚେଷ୍ଟା କରୁଥାଏ। ବିଭିନ୍ନ ପ୍ରକାରର ସୁବାସିତ ଫୁଲରେ ଆଚ୍ଛାଦିତ ସମଗ୍ର ଶରୀର, ରସିକ ନାଗରଙ୍କର। ଓଃ ଏତେ ସୌନ୍ଦର୍ଯ୍ୟ...ଅଭିଭୂତ ହୋଇ ପଡ଼ିଥିଲି। ହଠାତ୍ ଧଡ଼ଧାଡ଼୍ କରି କବାଟ ପଡ଼ିଗଲା। ଭାରି ଅଭିମାନ ଲାଗିଲା। କ'ଣ ମ ଠାକୁରେ, ତୁମକୁ ଟିକେ ଭଲ କରି ଦେଖିବି, ତୁମ ପଖାଳରୁ ଟିକେ ପାଇବି ବୋଲି ଆଶା କରିଥିଲି, ହେଲେ ଏତେ କପଟ, ଏତେ ଛଳନା! କି ଦୋଷ ତୁମର କରିଥିଲି ଯେ? ମନର କୋହ ଆଖିରୁ ଲୁହ ହୋଇ ଝରି ପଡ଼ିଲା। ଏତିକିବେଳେ କମ୍ ବୟସର ପଣ୍ଡା ଜଣେ, "ଧର ଧର" କହି ମୋ ପାପୁଲିରେ ପାପୁଲିଏ ଦହି ପଖାଳ ଓ ଚିମୁଟାଏ ପୋଡ଼ ପିଠା ରଖି ଦେଇ ଚାଲିଗଲେ। ସେ ପ୍ରସାଦକୁ ଦେଖୁଚି, ଆଉ ଅବର୍ଣ୍ଣନୀୟ ଅନୁଭବରେ ବତୁରି ଯାଉଚି...କି ଅପୂର୍ବ ସ୍ୱାଦ, କି ସୁବାସ...ଓଃ ତାକୁ କି ଭାଷାରେ କୁହାଯାଇ ପାରେ! ମନର କ୍ଷୋଭ ବଦଳିଗଲା ସମର୍ପଣରେ।

ଚାଲ ଚାଲ କହି ମନ୍ଦିର ପୋଲିସମାନେ ବାହାରକୁ ଯିବା ପାଇଁ ତାଗିଦ୍ କରୁଥାନ୍ତି। ଭୋଗ ଖାଇ ଖାଇ ବାହାରକୁ ଆସିଲା ବେଳେ ଭାବୁଥିଲି କାଳିଆ କ'ଣ ମନ ପଢ଼ି ପାରେ... ମୁଁ ତ ସେ ପଣ୍ଡାଙ୍କୁ ଭୋଗ ମାଗି ନ ଥିଲି, ସତରେ ଠାକୁର ଅନ୍ତର୍ଯ୍ୟାମୀ ନା ଏହା କେବଳ ଏକ ସଂଯୋଗ! ସଂଶୟକୁ ଆଡ଼େଇ ଦେଇ ଭୋଗ ଖାଇବାରେ ମନ ଦେଲି। ଲୁହ ଭର୍ତ୍ତି ଜାଲଜାଲୁଆ ଆଖିରେ ଯୁଆଡ଼େ ଚାହିଁଲେ ସିଆଡ଼େ ଖାଲି ଦିଶି ଯାଉଥିଲା ଯୋଡ଼ା ଯୋଡ଼ା ଚକାଆଖି। ■

ମୋ: ୯୪୩୭୪୫୩୬୧୦

# ମହାପ୍ରଭୁଙ୍କ କୃପାଲାଭ

ହରେକୃଷ୍ଣ ପ୍ରଧାନୀ, ପ୍ରଧାନୀ ସେବକ

ସରକାରୀ ଚାକିରିରୁ ଅବସର ନେବା ପରେ ଶ୍ରୀଜଗନ୍ନାଥଙ୍କ ସେବାରେ ନିୟୋଜିତ ହେଲି। ଆମ ସେବାର ବିଶେଷତ୍ୱ ହେଲା, ଜଗନ୍ନାଥଙ୍କ ଭୋଗ ପାଇଁ ପ୍ରସ୍ତୁତ ଅମୁଣିଆ ପଦାର୍ଥର ସୁରକ୍ଷା ଦେବା ଏବଂ ତତ୍ତ୍ୱାବଧାରକ ଭାବେ କାମ କରିବା। ଶ୍ରୀଜଗନ୍ନାଥଙ୍କ ତିନି ଧୂପ (ସକାଳ ଧୂପ, ମଧ୍ୟାହ୍ନ ଧୂପ ଓ ସଂଧ୍ୟା ଧୂପ) ପାଇଁ ରୋଷଘରୁ ଗର୍ଭଗୃହକୁ ଭୋଗ ଆଣିବା ପାଇଁ ପ୍ରଧାନୀ ଓ ପ୍ରତିହାରୀ ସୁଆର, ମହାସୁଆରଙ୍କୁ ଆମନ୍ତ୍ରଣ କରନ୍ତି। ଯାହାଙ୍କୁ ଆମେ ପରେ 'ମହାପ୍ରସାଦ' ବୋଲି କହିଥାଉ, ତାହା ଏକ ସ୍ୱତନ୍ତ୍ର ପ୍ରକ୍ରିୟା ଦେଇ ପ୍ରସ୍ତୁତ ହୋଇଥାଏ।

ରଥଯାତ୍ରା ସମୟ, ୨୦୧୩ ଜୁଲାଇ ମାସ ୧୬ ତାରିଖର କଥା। ସେଦିନ ଥାଏ କର୍କଟ ସଂକ୍ରାନ୍ତି। ଠାକୁର ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ଅବସ୍ଥାନ କରିଥାନ୍ତି। ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଜଣେ (ଜେ.ଟି.ପି) ଚର୍ଚ୍ଚାକାର ଦୁଆର ହକରା ଦେଇ କହିଲା, ଆଜି ଆପଣଙ୍କର ପାଳି, ମନ୍ଦିରକୁ ଶୀଘ୍ର ଆସନ୍ତୁ। ହକରା ପାଇବା ମାତ୍ରେ ଶୀଘ୍ର ଶୀଘ୍ର ନିତ୍ୟକର୍ମ ସାରି, ଶ୍ରୀଗୁଣ୍ଡିଚା ମନ୍ଦିର ଯାଇ ମନ୍ଦିର କାର୍ଯ୍ୟାଳୟରେ ପାଳିଆ ସେବକଙ୍କ ହାଜିରା ଖାତାରେ ଦସ୍ତଖତ କରି ସେବାରେ ଯୋଗ ଦେଲି। ବିଧି ଅନୁସାରେ ସକାଳ ଧୂପ, ମଧ୍ୟାହ୍ନ ଧୂପ ଓ ସନ୍ଧ୍ୟା ଧୂପରେ ଉପସ୍ଥିତ ରହି ମୋର ଦାୟିତ୍ୱ ନିଷ୍ଠାର ସହିତ ତୁଲାଇଲି। ସକାଳ ୧୦ଟାଠାରୁ ଗୁଣ୍ଡିଚା ମନ୍ଦିରରେ ରହି ବଡ଼ସିଂହାର ଭୋଗ ଡାକରାରେ ଯୋଗ ଦେଲି, ସେତେବେଳକୁ ସମୟ ଭୋର ୪ଟା।

ବଡ଼ସିଂହାର ବେଶ ଚାଲିଥିବା ବେଳେ ଜଣେ ବାବାଜୀ ମୋତେ ଶ୍ରୀଜଗନ୍ନାଥଙ୍କ ଛଡ଼ା ଫୁଲ ଓ ତୁଳସୀ ମାଗିଲେ। ମୁଁ ସିଂହାରୀଙ୍କଠାରୁ ଆଣି ସେ ବାବାଜୀଙ୍କୁ ଦେଇଥିଲି, ସେ ବଡ଼ ଖୁସି ହୋଇଗଲେ। ତା' ପରେ ମୋର ତାଙ୍କ ସହିତ ଦେଖା ହୋଇନାହିଁ। ମୁଁ ମଧ୍ୟ ତାଙ୍କ ଉପରେ ଏତେ ଗୁରୁତ୍ୱ ଦେଇନଥାଏ।

ସେଦିନ ସେବା କରିବାର ଅନୁଭୂତି ଏକ ତିକ୍ତ ଅନୁଭୂତି। କାରଣ ଖାଡ଼ାଖାଡ଼ା ରାତି ପାହିଗଲା। ବଡ଼ ସିଂହାର ଭୋଗ ସରିଲା, ଦିଅଁଙ୍କ ସିଂହାସନ ସାମନାରେ ତିନୋଟି ଖଟ ପଡ଼ିଲା, ଆଲୁଅ ଲିଭାଇ ଦିଆଗଲା, ଦୁଆରରେ ମୁହୁଲି ତାଲା ଲଗାଇଲେ। ତା' ପରେ ମୁଦ୍ରା ମୁଦ ଦେଲେ। ଦିଅଁ ପହୁଡ଼ ହେଲେ, ମୁଁ ଘରକୁ ବାହାରିଲି। ସିଂହଦ୍ୱାର ଦେଇ ବାହାରକୁ ଆସି ଦେଖିଲି କେହି ଲୋକ ଦେଖାଯାଉ ନାହାଁନ୍ତି। ଘରଠାରୁ ଗୁଣ୍ଡିଚା ମନ୍ଦିର ୫ କି.ମି. ଦୂର। କେମିତି ଆସିବି। କୌଣସି ଯାନବାହନ ଦେଖାଯାଉନାହିଁ। ରାତି ପାହି ଆସୁଛି। ଆଖି ମାଡ଼ି ମାଡ଼ି ପଡୁଛି। ଘରକୁ ଫେରିବା ଚିନ୍ତା। ସେହି ନିର୍ଜନ, ଜନଶୂନ୍ୟ ସ୍ଥାନରେ ମହାପ୍ରଭୁଙ୍କୁ ସ୍ମରଣ କଲି। ମନେ ମନେ ଚିନ୍ତା କଲି, ପ୍ରଭୁ ଆଜି ଦିନସାରା ସକାଳ ୧୦ଟାଠାରୁ ଆପଣ ପାଖରେ ରହି ରାତି ପାହିଗଲା, ଏବେ ମୁଁ କରିବି କ'ଣ? କିପରି ଘରକୁ ଯିବି? ଠିକ୍ ସେହି ସମୟରେ ସେ ବାବାଜୀ ଜଣକ ଯାହାଙ୍କୁ ମୁଁ ଛଡ଼ା ମାଳ ଓ ତୁଳସୀ ଦେଇଥିଲି ସେହି ବାବାଜୀ ଜଣକ ହାତ ଠାରି ଡାକୁଛନ୍ତି, 'ଆଜ୍ଞା ଆସନ୍ତୁ, ମୁଁ ଆପଣଙ୍କୁ ଘରେ ଛାଡ଼ି ଦେବି।" ମୁଁ କହିଲି, "ଆପଣ କେଉଁଠିକୁ ଯିବେ?" ସେ କହିଲେ, "ଆପଣଙ୍କ ଘର ପଟ ଦେଇ ମୋର ସର୍ବଦା ଯିବା ଆସିବା ରାସ୍ତା।" ସବୁ ସେଇ ଇଚ୍ଛାମୟଙ୍କ କାର୍ଯ୍ୟ, ସେ ତ ଚିନ୍ତାମଣି। ମୁଁ ଭାବିଲି ଆଜି ଯେଉଁ ରାତିଟି ଅନିଦ୍ରା ରହି ତାଙ୍କ ପାଇଁ ବିତାଇ ଦେଲି ତା'ର ପରିଣାମ ସ୍ୱରୂପ ସେ ବାବାଜୀ ମୋତେ ଘରକୁ ଆଣି ଛାଡ଼ିଦେଇ ଗଲେ।

ଶ୍ରୀଜଗନ୍ନାଥ ହେଉଛନ୍ତି ଭାବର ଠାକୁର। ତାଙ୍କୁ ଯେ ନିର୍ମଳ ମନରେ, ନିଷ୍ଠାର ସହିତ ସମର୍ପିତ ଭାବନା ନେଇ ଡାକେ ଓ ତାଙ୍କର ସେବାରେ ନିୟୋଜିତ ହୁଏ, ସେ ତାଙ୍କର କୃପାଲାଭ କରିପାରେ। ■

ସୌଜନ୍ୟ: 'ଅମୃତପୁରୁଷ ଶ୍ରୀଜଗନ୍ନାଥ' ପୁସ୍ତକ



# ମହାକାଳର ମହାନିର୍ଦ୍ଦେଶକ





ଡ. ଜୟନ୍ତୀ ରଥ

'ବୋଉ' ଅଚିରେ ମୋ ପାଇଁ ଅପହଂଚ ହୋଇଯିବ, ମାୟା ବନ୍ଧନ ତୁଟେଇ ଚାଲିଯିବ – ଏଇ ସୂଚନାଟି ମୋତେ ଦେଇଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥ। ଆଉ କେଉଁଠି ନୁହେଁ- ବଡ଼ ମନ୍ଦିର ଭିତରେ ଗରୁଡ଼ ସ୍ତମ୍ଭ ଆଗରେ।

ମୁଁ ବୁଝି ପାରି ନଥିଲି ସେତେବେଳେ। ବୋଉ, ମୁଁ ଓ ମୋ ବଡ଼ଭାଇ ନୀଲୁନା ଦର୍ଶନ ସାରି ସାତ ପାହାଚ ଦରଜା ଦେଇ ବାହାରୁ ଥିଲୁ। ବୋଉ ଓ ନୀଲୁନା ଚାଲିଗଲେ। ତା' ପରେ ହଠାତ୍ ଦରଜା ବନ୍ଦ ହୋଇଗଲା ସଶବ୍ଦରେ। ମୁଁ ରହିଗଲି ମନ୍ଦିର ଭିତରେ। ବିଚ୍ଛେଦ଼ ହୋଇଗଲି, ବେଶ୍ କେତେ ସମୟ ପରେ ଦରଜା ଖୋଲିଲା। ମୁଁ ଆତୁର ହୋଇ ବେଢ଼ାରେ ଖୋଜିଲି ବୋଉକୁ। ପାଇଲିନି। ଉତ୍ତର ଦ୍ୱାରକୁ ଦୌଡ଼ିଲି। ବୋଉ ସେଠି ନଥିଲା। ତା'ପରେ ପଶ୍ଚିମ ଦ୍ୱାରକୁ ଯାଇ ନିରାଶ ହୋଇ ଫେରିଲି। ଏତେ ଶୀଘ୍ର କୁଆଡ଼େ ଉଭେଇ ଗଲା ବୋଉ ଆଉ ନୀଲୁନା। କେବେବି ତ ସିଂହଦ୍ୱାର ପଟେ ବାହାରି ଯାଇ ନଥିବେ ମୋତେ ଛାଡ଼ି। ମନରେ କେତେ ଆଶଙ୍କା - କେତେ ଅଶୁଭ ଚିନ୍ତା। ନୀଲୁନା ଭିଡ଼ ଭିତରେ ବୋଉର ହାତ ଛାଡ଼ି ଦେଇନି ତ। ବୋଉ ଏକ୍ଲା ଚାଲୁ ଚାଲୁ କେଉଁଠି ପଡ଼ିଯାଇନି ତ। ବୋଉ ତ ଅବସ୍ଥାନ୍ତରରେ ମୋର ସେବା ନିର୍ଭର ଝିଅ। କୋଳେଇ କାଖେଇ ପାରୁନି ସିନା ହାତଟାକୁ ତ ମୁଠେଇ ଧରି ରଖୁଥାନ୍ତି। ହାତ କାହିଁକି ଛାଡ଼ି ଦେଲି। ଘରେ ସମସ୍ତେ ନାହିଁ ନାହିଁ କରୁଥିଲେ। କେବଳ ତା'ର ଆକୁଳ ଇଚ୍ଛା ପୂରଣ କରିବା ପାଇଁ ପୂଜ୍ୟ ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀଙ୍କ ଅନୁମତି ନେଇ ଆମେ ଭାଇ ଭଉଣୀ ଦୁହେଁ ତାକୁ ନେଇ ଯାଇଥିଲୁ। ମୋର ଟିକିଏ ଅନ୍ୟମନସ୍କତା ଯୋଗୁଁ ସେମାନେ ରହିଗଲେ। କବାଟ ସେପାଖେ କାହିଁ କେଉଁଠି ଦିଶୁନି। କ'ଣ କରିବି, କାହାକୁ କହିବି। ଯାହାକୁ କହିଲେ ସେ ମୋତେ କହିବ ଦାୟିତ୍ୱହୀନ। ସମ୍ଭାଳି ପାରିବୁନି ଯଦି ଗୋଟେ ହୃଦ୍‌ରୋଗୀକୁ ନେଇ ମନ୍ଦିର ଭିତରକୁ ଆସୁଥିଲୁ କାହିଁକି। ମୁଁ ମହାଲକ୍ଷ୍ମୀଙ୍କ ମନ୍ଦିରର ତଳ ପାହାଚରେ ବସି କାନ୍ଦିବାକୁ ଲାଗିଲି। କିଛି ସମୟ ପରେ ନୀଲୁନା ମୋତେ ଦେଖି ଡାକିଲା। ଆରେ ତୁ ଏଠି ବସିଚୁ... ଆମେ ତତେ କେତେ ଖୋଜିଲୁଣି। ମୁଁ ତାକୁ ଏକୁଟିଆ ଦେଖୁ ଆହୁରି ବ୍ୟସ୍ତ ହୋଇ ପଡିଲି। ଲୁହପୋଛି ପଚାରିଲି- "ବୋଉ କାଇଁ ?"

"ବୋଉ ଆନନ୍ଦବଜାରରେ ଅଛି। ମହାପ୍ରସାଦ ପାଇଁ ବରାଦ ଦେଇଛୁ। ଆମେ ଭାବିଚୁ ତୁ ସେଇଠିକି ଯିବୁ ଶୀଘ୍ର ଆ।"

ବୋଉ, ମୁଁ, ନୀଲୁନା ଏକାଠି ବସି ମହାପ୍ରସାଦ ପାଇଲୁ। ବୋଉ ତା ବାଁ ହାତରେ ମୋ ଲୁହଭିଜା ମୁହଁକୁ ପୋଛି କହିଲା – "ମୋର ତ ଏଇଟା ବାପଘର। ଆଗରେ ପଛରେ ଦି ଜଣ ହାତ ଘେରି କରିଥିଲେ। ବେଢ଼ାରେ ଛାଡ଼ି ଦେଇଗଲେ। ନୀଲୁ ବି ନଥିଲା। ମାଆ।ମାଆ।ଆମ ସାଙ୍ଗରେ ଚାଲ। ଏ ଭିଡ଼ ଠେଲାପେଲା ଭିତରେ ତମେ ପାରିବନି ବୋଲି କହୁଥିଲେ। କେଡ଼େ ସୁବିଧାରେ ମୁଁ ବାହାରି ଆସିଲି। ତୁ କାନ୍ଦୁ ଥିଲୁ କାହିଁକି। ଆଉ କେତେ ଦେଖିଲେ ଜାଣିବୁ। ସବୁ କାମ ତ ତାଙ୍କର।"

ଫେରିଲା ବେଳକୁ "ଆଉ ଥରେ ଦିଅଁ ଦେଖୁ ଯିବା" ବୋଲି କହିଲା ବୋଉ। ସବୁବେଳେ ଏଇ ଗୋଟିଏ କଥା ପାଇଁ ବୋଉ ଉପରେ ମୁଁ ଚିଡ଼େ। "ଥରେ ତ ଦେଖିଲୁ ଆଉ ପୁଣି କ'ଣ- କହେ।" ସେଦିନ ହଜେଇ ଦେଇ ଫେରି ପାଇଥିବା ବୋଉର କଥା ମୋତେ କେମିତି ଭାରି ଭାରି ଲାଗିଲା। ବୋଉର ଶ୍ରୀଜଗନ୍ନାଥଙ୍କୁ ତା'ର ପରମପିତା ବୋଲି ମାନିବା ଓ ସେଇ ଅନୁସାରେ ତାଙ୍କର ସେବା ରୀତି କରିବା (ମନ୍ଦିର ଭିତରେ) ସେଇ ଶେଷଥର ଦେଖିଲି। ତା'ର ଖୁବ୍ କମ୍ ଦିନ ପରେ ବୋଉ ଚାଲିଗଲା ହୃଦ୍‌ଘାତରେ। ଯିବା ଆଗରୁ ହେ ଜଗନ୍ନାଥ-ହେ ଠାକୁର କହି ଡାକି ଡାକି ହାତ ଯୋଡ଼ିଥିଲା !



ସ୍ୱର୍ଗଦ୍ୱାରରେ ବୋଉର ଚିତାଗ୍ନିକୁ ପ୍ରଣାମ କଲାବେଳେ ନୀଳଚକ୍ରକୁ ଚାହିଁ କହିଥିଲି "ବୋଉ ସାଙ୍ଗରେ ଆଉ ତମ ପାଖକୁ ଆସି ପାରିବିନି ବୋଲି କବାଟ ପକେଇ ଦେଇଥିଲ। ଏଥର ଯେତେବେଳେ ତମ ପାଖକୁ ଆସିବି ବୋଉ ପାଇଁ ତମକୁ ମୁଁ ପ୍ରଣିପାତ କରିବି ତା'ର ପରକାଳ ପାଇଁ। ମୋର ଅଳ୍ପଭାବ-ଅଳ୍ପ ଭକ୍ତିକୁ ତା'ର ଭାବି ତମେ ଘେନିବ। ଲେଉଟେଇ ଦେବନି।" ■

ଭୁବନେଶ୍ୱର
ମୋ: ୮୮୯୫୬୧୭୯୫୬

# ନୀତି ଅନୀତି ରାଜନୀତି

ଶ୍ରୀବିଦୂର

## ଆପଣା ହସ୍ତେ ଜିହ୍ୱା ଚ୍ଛେଦୀ



ଗଲା ସପ୍ତାହରେ ମଣ୍ଡଳ ଦମ୍ପତି ଓରଫ୍ ମୁକ୍ତିକାନ୍ତ-ମଞ୍ଜୁଲତାଙ୍କ ପଦ୍ମ ଶିବିର ପ୍ରବେଶ ଭଦ୍ରକ ରାଜନୀତିରେ ଥିଲା ସବୁଠୁ ଚର୍ଚ୍ଚିତ ଖବର । ମାତ୍ର ମିଶ୍ରଣ ପର୍ବରେ କେବଳ ରାଜ୍ୟ ସଭାପତିଙ୍କ ବ୍ୟତୀତ ଜିଲ୍ଲାର ଅନ୍ୟ ବିଧାୟକ, ସାଂସଦ ଓ ଦଳୀୟ ନେତାଙ୍କ ଅନୁପସ୍ଥିତି ଯେଉଁ ବାର୍ତ୍ତା ଦେଲା; ତାକୁ ନେଇ ମଣ୍ଡଳ ଦମ୍ପତି କୁଆଡ଼େ ଭାରି ବିବ୍ରତ । ଶୁଣିବା କଥା ହେଲା ଆଗାମୀ ଦିନରେ ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣ ପରେ ମଞ୍ଜୁଲତାଙ୍କୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁଯୋଗ ଦେବା ନିମନ୍ତେ ରାଜ୍ୟ ସଭାପତି ପ୍ରତିଶ୍ରୁତି ଦେଇଛନ୍ତି ଏବଂ ଏହାର ପ୍ରତିଦାନ ସ୍ୱରୂପ ଧାମନଗରରୁ ରାଜ୍ୟ ସଭାପତିଙ୍କ ସମ୍ଭାବ୍ୟ ବିଜୟ ରଥରେ ସାରଥୀ ହେବେ ବୋଲି ପାଲଟା ପ୍ରତିଶ୍ରୁତି ଦେଇଛନ୍ତି ମୁକ୍ତିକାନ୍ତ । ଆଗାମୀ ଦିନରେ କିଏ କେଉଁଠୁ ଲଢ଼ିବ, କେଉଁ ଆସନ ସଂରକ୍ଷିତ ହେବ ତାହା ଏଯାଏ ସ୍ପଷ୍ଟ ହୋଇ ନାହିଁ । ମାତ୍ର ତିନି ବର୍ଷ ଆଗରୁ ନିଜ ପାଇଁ ପଦ୍ମ ଦଳରେ ଆସନ ସଂରକ୍ଷଣ ଲାଗି ଯୋଜନା ମଣ୍ଡଳ ଦମ୍ପତିଙ୍କ ପ୍ରୟାସକୁ ପ୍ରଥମ ଦିନରୁ ବଡ଼ ଧକ୍କା ଲାଗିଛି । ବ୍ଲକ୍ ଅଧ୍ୟକ୍ଷରୁ ରାଜନୈତିକ ଜୀବନ ଆରମ୍ଭ କରିଥିବା ମୁକ୍ତିକାନ୍ତ ଶଙ୍ଖପତିଙ୍କ ଆଶୀର୍ବାଦରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ପରବର୍ତ୍ତୀ ନିର୍ବାଚନରେ ତାଙ୍କ ପତ୍ନୀ ମଞ୍ଜୁଲତା ବିଜୟୀ ହୋଇ ସଂସଦକୁ ଯାଇଥିଲେ । ଗତ ନିର୍ବାଚନରେ ମଧ ଶଙ୍ଖ ଦଳ ମଞ୍ଜୁଲତାଙ୍କୁ ମଧ୍ୟ ପ୍ରାର୍ଥୀ କରିଥିଲା । ମାତ୍ର ଦଳ ଓ ଦଳପତିଙ୍କ ବିଶ୍ୱାସଭଙ୍ଗ କରି ମଣ୍ଡଳ ଦମ୍ପତି ଯେଉଁ କାର୍ଯ୍ୟ କଲେ, ତାହା କୁଆଡ଼େ ଏବେ ତାଙ୍କ ପାଇଁ ଆତ୍ମଘାତୀ ହୋଇଛି । ସେଥିପାଇଁ ପରା କୁହାଯାଇଛି- ଆପଣା ହସ୍ତେ ଜିହ୍ୱା ଚ୍ଛେଦୀ, କେ ଅଛି ତାର ପ୍ରତିବାଦୀ । ■

## କ୍ଷେପଣାସ୍ତ୍ର ଛାଡ଼ିଲେ ମନୋଜ



ନିକଟରେ ସଂସ୍କୃତି ବିଭାଗ ପକ୍ଷରୁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା ହେଲା, ଏହାର ଠିକ୍ ପରଦିନ ପୁରସ୍କାର ପ୍ରଦାନ ସମାରୋହ ଅନୁଷ୍ଠିତ ହେଲା । ଅନ୍ୟାନ୍ୟ ପୁରସ୍କାର ସହ ଧୋରେ ବାବୁ ଧୋ ଚଳଚିତ୍ର ନିମନ୍ତେ ହରିହର ମହାପାତ୍ରଙ୍କୁ ଶ୍ରେଷ୍ଠ ଅଭିନେତା ଭାବରେ ପୁରସ୍କାର ବି ପ୍ରଦାନ କରାଗଲା । ପୁରସ୍କାର ମନୋନୟନ ପାଇଁ ଯେଉଁ ବିଶିଷ୍ଟ ଜୁରୀମାନେ ନିଯୁକ୍ତି ପାଇଥିଲେ, ସେମାନେ ତାଙ୍କ ଜ୍ଞାନଗାରିମା ଆଧାରରେ ହରିହରଙ୍କୁ ଶ୍ରେଷ୍ଠ ବିବେଚନା କଲେ । ମାତ୍ର ପୁରୁଖା ଅଭିନେତା ମନୋଜ ମିଶ୍ର ସାମାଜିକ ଗଣମାଧ୍ୟମରେ ଏକ ଅଥାନ ବାଣ ମାରିବା ପରେ ପୁରସ୍କାର ମନୋନୟନକୁ ନେଇ ଆରମ୍ଭ ହୋଇଛି ବିବାଦ । ଜୁରୀ ସଦସ୍ୟମାନେ ଓଡ଼ିଆ ସିନେମାକୁ ବିଶ୍ୱ ଦରବାର ଅତିକ୍ରମ କରି ମଙ୍ଗଳ ଗ୍ରହରେ ପହଞ୍ଚାଇଦେବେ ବୋଲି ମନୋଜଙ୍କ କଥାର ମର୍ମ ଅନେକଙ୍କୁ ହଜମ ହୋଇନାହିଁ । ପୁଣି ହରିହରଙ୍କୁ ଆଗାମୀ ଦିନରେ ଓଏଫ୍‌ଡ଼ିସି ଚେୟାରମ୍ୟାନ କରାଯାଇପାରେ ବୋଲି ମନୋଜ ଦେଇଥିବା ଟିପ୍ପଣୀଟି ଆଗୁଆ ଭବିଷ୍ୟବାଣୀ ନା କଟାକ୍ଷ ତାହା ବି ବୁଝି ହେଉନାହିଁ କି ଜୁରୀମାନେ ଫିଲ୍ମର ମୂଲ୍ୟାୟନ ପାଇଁ ଅଯୋଗ୍ୟ ନା ହରିହର ପୁରସ୍କାର ପାଇଁ ଅଯୋଗ୍ୟ ସେ କଥା କାହା ମୁଣ୍ଡରେ ପଶୁନାହିଁ । ମାତ୍ର କେଉଁ ଆଧାରରେ ଚଳଚିତ୍ରଗୁଡ଼ିକରେ ଶ୍ରେଷ୍ଠ ଅଭିନେତା ବଛାଯାଇଛି, ସେଥିନେଇ ଲୋକଙ୍କ ମନରେ ସୃଷ୍ଟି ହୋଇଥିବା ସନ୍ଦେହକୁ ମନୋଜଙ୍କ ବକ୍ରୋକ୍ତି ଆହୁରି ବଢ଼ାଇ ଦେଇଛି । ■

## କୁଆଡ଼େ ଗଲା କଂସା ବେଲା



ଯେଉଁଠି ଓଡ଼ିଆ, ସେଇଠି ପଖାଳ । କାହିଁ କେତେ ଶତାବ୍ଦୀ ତଳୁ ପଖାଳ ଓଡ଼ିଆମାନଙ୍କର ସବୁଠାରୁ ପ୍ରିୟ ଖାଦ୍ୟର ସ୍ଥାନ ନେଇ ସାରିଛି । ଗରିବ ହେଉ ବା ଧନୀ, ପଖାଳ ସମସ୍ତଙ୍କର ପ୍ରିୟ । କିଏ ବର୍ଷତମାମ ପଖାଳ ଖାଏ; କିଏ ପୁଣି ନିଜ ରୁଚି ଓ ସମୟ ଅନୁସାରେ ପଖାଳ ଖାଇଥାଏ । ପ୍ରାୟ ୧୫ ବର୍ଷ ତଳେ ୨୦୧୧ରୁ ମାର୍ଚ୍ଚ ୨୦ ତାରିଖକୁ ପଖାଳ ଦିବସ ରୂପେ ପାଳନ କରାଯାଉଛି । ଏହି ଦିବସର କିଏ ଜନ୍ମଦାତା, ତାହା ଅନେକ ମନେ ରଖିନାହାନ୍ତି ସିନା; ମାର୍ଚ୍ଚ ୨୦ ପଖାଳ ଦିବସର ମାନ୍ୟତା ପାଇ ସାରିଛି । ଚଳିତ ବର୍ଷ ରାଜ୍ୟ ପର୍ଯ୍ୟଟନ ସଚିବ ବଳୱନ୍ତ ସିଂହବାବୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସରକାରୀସ୍ତରରେ ଯେପରି ଭବ୍ୟ ପଖାଳ ଦିବସ ପାଳନ ହେଲା, ସେପରି ପଖାଳ ଦିବସ କେବେ ପାଳନ ହୋଇଥିବା ଆମେ ହେଜି ପାରୁନାହୁଁ । ଅବଶ୍ୟ ଏଥିପାଇଁ ରାଜ୍ୟ ତହବିଲରୁ କୋଟି କୋଟି ଟଙ୍କା ବ୍ୟୟ ପ୍ରସଙ୍ଗରେ ତାଙ୍କୁ କେହି ପଚାରି ନାହାନ୍ତି କି ମା' ପାଖରେ ମାମୁଁ ଘର କଥା ବଖାଣିବା ପରି ପଖାଳର ଗୁଣ ବିଷୟରେ ଓଡ଼ିଆଙ୍କୁ ଜଣାଇବା ପାଇଁ ଅଣଓଡ଼ିଆ ରୋଷେଇଆଙ୍କୁ ନିମନ୍ତ୍ରଣ ବିଷୟରେ କେହି ପ୍ରଶ୍ନ କରିନାହାନ୍ତି । ତେବେ ମନ୍ତ୍ରୀ, ଅଫିସର ଓ ତାଙ୍କ ବଟକରାଙ୍କୁ ପଖାଳ ସହ ୩୫୬ ପ୍ରକାର ବ୍ୟଞ୍ଜନ ପରସିବା ପାଇଁ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ କିଣା ଯାଇଥିବା କଂସା ବେଲା ଓ ଥାଳିଆର କୁଆଡ଼େ ପତ୍ତା ମିଳୁନାହିଁ । ପଖାଳ ଦିବସକୁ ପର୍ବ କରିବାରେ ପର୍ଯ୍ୟଟନ ମନ୍ତ୍ରୀ ଓ ସଚିବଙ୍କ ଭୂମିକା କ'ଣ ଆମେ ଜାଣିନାହୁଁ, ହେଲେ ପଖାଳ ଖାଇବାରେ କୋଟିକୋଟି ଟଙ୍କା ଖର୍ଚ୍ଚକୁ ନେଇ ରାଜ୍ୟବାସୀ ଯେଉଁ ଗାଳି କରୁଛନ୍ତି, ତାହା ତାହା କାନରେ ଶୁଣି ହେବ ନାହିଁ । ■

## ଆପଣା ସୁନା ତ ଭେଣ୍ଡି




ସ୍କୁଲ ଓ ଗଣଶିକ୍ଷା ବିଭାଗ ମୁଖିଆ ଗଣ୍ଡ ବାବୁଙ୍କ ଅତ୍ୟନ୍ତ ଘନିଷ୍ଠ ସହଯୋଗୀ ହେଲେ ଏନ୍ ଥିରୁମାଲା ନାଏକ । ନିଜ ବିରାଦରୀରେ ଥିରୁମାଲାଙ୍କୁ ଅନେକ ଭିନ୍ନଭିନ୍ନ ଭାବରେ ଜାଣନ୍ତି, ଭିନ୍ନଭିନ୍ନ ନାମରେ ଡାକନ୍ତି । ହେଲେ ଲୋକସେବା ଭବନରେ ବାବୁ ଥିରୁମାଲା ଯେଉଁ ଲୋକପ୍ରିୟ ନାମଟି ହେଉଛି 'ଧୀରସ୍ଥିର ବାବୁ' । ବିଡ଼ମ୍ବନା ହେଉଛି ଯେ ପିଲାଦିନେ ମାତୃଭାଷା ତେଲୁଗୁରେ ସ୍କୁଲ ଶିକ୍ଷା ଲାଭ କରିଥିବା ଧୀରସ୍ଥିର ବାବୁଙ୍କ ବିଭାଗ ଓଡ଼ିଶାରେ ଓଡ଼ିଆ ପିଲାଙ୍କ ପାଠ୍ୟପୁସ୍ତକରେ ନିମ୍ବୁଡ଼ା... ନିମ୍ବୁଡ଼ା ପ୍ରୟୋଗ, ଇଂରାଜୀ ବହିରେ ଓଡ଼ିଆ ରଜଦୋଳି ଗୀତ ପର୍ଯ୍ୟନ୍ତ ସ୍ଥାନ ଦେବା ପରେ ଗଣ୍ଡବାବୁଙ୍କ ମୁଣ୍ଡ ଗରମ । ବାହାରକୁ ମୁହଁ ଫୁଟାଣି ମାରୁଥିଲେ ବି ଭିତରେ ଭିତରେ କୁଆଡ଼େ ସେ ଭାରି ଖପ୍ପା । ଖାଲି ଗଣ୍ଡବାବୁ ନୁହନ୍ତି, ଷୋଳପଣ ଖାଣ୍ଟି ପଦ୍ମଦଳିଆ ବି ଥିରୁମାଲାବାବୁଙ୍କ ଉପରେ ରକ୍ତଚାଉଳ ଚୋବାଉଛନ୍ତି । ପିଲାଙ୍କୁ ନୂଆ ବହି ଦିଆଯିବା ପ୍ରସଙ୍ଗରେ ମନ୍ତ୍ରୀ ଗଣ୍ଡବାବୁ ଓ ସଚିବ ଧୀରସ୍ଥିର ବାବୁଙ୍କ ମଧ୍ୟରେ ମତ ପାର୍ଥକ୍ୟ ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଛି । ଏହି ସମୟରେ ବହିରେ ଯେତିକି ତ୍ରୁଟି ଥିବା କୁହାଯାଉଛି, ବାସ୍ତବରେ ସେତିକି ତ୍ରୁଟି ନାହିଁ ବୋଲି ଧୀରସ୍ଥିରବାବୁ ସାମ୍ବାଦିକ ସମ୍ମିଳନୀରେ ଦେଇଥିବା ଟିପ୍ପଣୀ ଏବେ ତାଙ୍କ ପାଇଁ ବୁମେରାଂ ହୋଇଛି । ସଚିବଙ୍କ ଏତାଦୃଶ ଟିପ୍ପଣୀ ପରେ ସ୍କୁଲ ପିଲାଙ୍କଠାରୁ ଆରମ୍ଭ କରି ଅଭିଭାବକ, ଏପରିକି ଅନେକ ଶିକ୍ଷକ ପଢ଼ା ବହିରେ ଭୁଲଗୁଡ଼ିକୁ ରିଲ୍ସ କରି ବେଶୀ ଭାଇରାଲ କରିବାରେ ଲାଗିଛନ୍ତି । ଗଣ୍ଡବାବୁ ଆଉ କରିବେ କ'ଣ, କାହାକୁ ବା ଏ କଥା କହିବେ? ଆପଣା ସୁନା ତ ଭେଣ୍ଡି... । ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।



# ମହାପ୍ରଭୁଙ୍କ ମୁଦ୍ରଣ ସେବକ



ପୀତବାସ ରାଉତରାୟ

**ହେ ମହାବାହୁ!**

**ସମସ୍ତ ମହାର ସମଷ୍ଟି ଆପଣ । ମହାପ୍ରସାଦ, ମହାଦୀପ, ମହାଲକ୍ଷ୍ମୀ, ମହାମନ୍ତ୍ର, ମହାଶକ୍ତି, ମହାଦ୍ରୁମ, ମହାସ୍ନାନ, ମହାଧାତୁ, ମହାକାଶ, ମହାବୋଧି ସବୁତ ଆପଣଙ୍କ ସହ ଜଡ଼ିତ ସେମିତି ବଡ଼ଦେଉଳ, ବଡ଼ଦାଣ୍ଡ, ବଡ଼ଶଙ୍ଖ ଭଳି ସବୁ ବଡ଼ର ସମାହାର ଆପଣ ।**

**ଲୀଳାମୟ ଆପଣ । କେତେକେତେ ସାଧୁ ସନ୍ଥ ସନ୍ନ୍ୟାସୀ ଶ୍ରୀକ୍ଷେତ୍ର ଆସି ଆପଣଙ୍କ ଦର୍ଶନ ପାଇ ଏଇଠି ବାନ୍ଧି ହୋଇଯାଇଛନ୍ତି ଆଉ ମଠ ନିର୍ମାଣ କରି ଅବସ୍ଥାନ କରିଛନ୍ତି । ତା' ନହେଲେ ଶ୍ରୀକ୍ଷେତ୍ରରେ ଶତାଧିକ ମଠ କିପରି ଆପଣଙ୍କ ସେବାରେ ନିୟୋଜିତ ଅଛନ୍ତି!**

**ଆପଣ ଉଭା ଯେତେ ପୋତା ସେତେ । ଆପଣ ହେଉଛନ୍ତି ବିଚିତ୍ର ବିସ୍ମୟ ଓ ଅବୋଧ ରହସ୍ୟ । ମୁଁ ଜାଣେନା ଆପଣଙ୍କ କୃପାଦୃଷ୍ଟିରୁ ମୁଁ କିଭଳି ଭାବେ ଆପଣଙ୍କ ଜଣେ ମୁଦ୍ରଣ ସେବକର କାର୍ଯ୍ୟ କରି ଆସୁଅଛି ତାହା ଆପଣଙ୍କୁ ହିଁ ଜଣା ।**

**ମୋ ଜୀବନରେ ଆପଣଙ୍କ ଲୀଳା କିପରି ପ୍ରଭାବ ପକାଇଛି ତାହାର ବିବରଣୀ ଏହିପରି ।**






ମୋ ଜୀବନରେ ପ୍ରଭାବ ପକାଇଥିଲା ବାପା ଭଗବାନଙ୍କ ଶ୍ରୀଜଗନ୍ନାଥ ପ୍ରେମ ଓ ସେଇ ସୂତ୍ରରେ ମୋର ଶ୍ରୀଜଗଜନ୍ନାଥଙ୍କୁ ନେଇ କାର୍ଯ୍ୟକ୍ରମ । ବାପା ସାତ ଆଠ ମାସର ଥିଲାବେଳେ ତାଙ୍କୁ ଅଖା ବସନ୍ତ ହୋଇଥିଲା । ଦେହସାରା ଅଖା ଭଳି ଫୋଟକମାନ ଶରୀରରେ ଏଭଳି ଭାବେ ହୋଇଥିଲା ଯେ ତାଙ୍କ ମା' ତାଙ୍କୁ ଗୋଟିଏ କଦଳୀ ପତ୍ରରେ ଶୁଆଇ ଦେଇ ଜଗନ୍ନାଥଙ୍କ ପାଖରେ ପାଣି ଛଡ଼େଇ ଦେଇ କହିଥିଲେ "ପୁଅ ଯଦି ବଞ୍ଚିବ ତା'ହେଲେ ସେ ବଡ଼ହେଲେ ପ୍ରତିବର୍ଷ ରଥଯାତ୍ରାରେ ତିନିରଥରେ ଠାକୁରଙ୍କୁ ଦର୍ଶନ କରି ଭୋଗ କରିବ ଓ ଗରିବଗୁରୁବାଙ୍କୁ କିଛି ସାହାଯ୍ୟ କରିବ । ବାପା ତା'ପରେ ଧୀରେ ଧୀରେ ଆଖି ଖୋଲିଲେ ଓ ସୁସ୍ଥ ହେବାକୁ ଲାଗିଲେ । ତା'ପରେ ପାଠ ପଢ଼ି ଚାକିରି କଲାବେଳେ ତାଙ୍କ ମା' ତାଙ୍କୁ ପିଲାଦିନେ ଘଟିଥିବା କଥା କହିଲେ । ବାପାଙ୍କର ସେହିଦିନଠାରୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଆକର୍ଷଣ ବଢ଼ିବାରେ ଲାଗିଲା ଓ ସେ ପ୍ରତିବର୍ଷ ରଥକୁ ଯାଇ ତିନିରଥରେ ଦର୍ଶନ କରି ଭୋଗ କରି ଫେରୁଥିଲେ । ମୁଁ ଜନ୍ମ ହୋଇ ବଡ଼ହେଲା ପରେ ବଡ଼ପୁଅ ଆକାରରେ ବାପାଙ୍କ ସହ ପ୍ରାୟ ପ୍ରତିବର୍ଷ ରଥଯାତ୍ରା ଯିବା ପାଇଁ ସୁଯୋଗ ମିଳିଲା । ରଥଯାତ୍ରା ବେଳେ ରଥରେ ଚଢ଼ି ଠାକୁରଙ୍କୁ ଦର୍ଶନ ସହ କୁଣ୍ଢାଇବାର ଆନନ୍ଦ ମଧ ମିଳିଲା । ମୋର ଧୀରେ ଧୀରେ ଜଗନ୍ନାଥଙ୍କ ପ୍ରତି ଆନ୍ତରିକତା ବଢ଼ି ଚାଲିଲା । ବାପାଙ୍କ ବୟସ ବଢ଼ିଲା, ମୁଁ ମଧ ବଡ଼ ହେଲି । ବାପା ଅବସର ନେବା ପରେ ମୁଁ ବାପାଙ୍କୁ ପୁରୀ ନେବା ଆରମ୍ଭ କଲି । ବାପା ସବୁବେଳେ ମୋତେ ପଦିଏ କଥା କହନ୍ତି "ତୁମେ କେବେ ନିଜ ପାଇଁ ଜଗନ୍ନାଥଙ୍କୁ କିଛି ମାଗିବ ନାହିଁ । ସେ ତ ଅନ୍ତର୍ଯ୍ୟାମୀ ସବୁ ଜାଣନ୍ତି । ତେଣୁ ତମେ ପ୍ରାର୍ଥନା କଲାବେଳେ କହିବ ମହାପ୍ରଭୁ ବିଶ୍ୱର ମଙ୍ଗଳ ହେଉ । ତା'ହେଲେ ତମେ ମଧ ବିଶ୍ୱବାସୀଙ୍କ ସହ ସାମିଲ ହୋଇଯିବ ।" ଏମିତି ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ବାପା ୯୦ ବର୍ଷ ପର୍ଯ୍ୟନ୍ତ ସୁସ୍ଥ ଥାଇ ମୋ ସହିତ ରଥଯାତ୍ରାକୁ ପୁରୀ ଯାଇଥିଲେ । ୨୦୦୫ ବେଳକୁ ତାଙ୍କର ଗୋଟିଏ ଗୋଡ଼ ଅଚଳ ହୋଇଗଲା । ଠିକ୍ ଭାବେ ଚାଲିବା ସମ୍ଭବପର ହେଲା ନାହିଁ । ସେ ବର୍ଷ ରଥଯାତ୍ରା ବେଳକୁ ବାପାଙ୍କ ଆଖିରେ ଲୁହ ଆସିଗଲା । ସେ ଆଉ ପୁରୀ ଯାଇ ରଥ ଛୁଇଁ ପାରିବେ ନାହିଁ ବୋଲି ଚିନ୍ତାରେ ବିଷର୍ଣ୍ଣ ହୋଇଗଲେ । ସେ ବର୍ଷ ମୁଁ ବାପାଙ୍କୁ ନ ନେଇ ପୁରୀ ଯାଇ ରଥରେ ଭୋଗକରି ଫେରି ଆସିଲି । ଘରେ ଭୋଗ ଦେବା ବେଳେ ଦେଖିଲି ବାପାଙ୍କ ଆଖି ଲୁହରେ ଛଳଛଳ । ସେ କିଛି କହିବା ପାଇଁ ଚାହୁଁଛନ୍ତି । ମୁଁ ବାପାଙ୍କ ଅସହାୟତାକୁ ଦେଖି କହି ଉଠିଲି ବାପା ଆପଣଙ୍କ ଯୋଗୁ ମୁଁ ଜୀବନରେ ବହୁ କିଛି ପାଇଛି । ପିଲାଟି ଦିନରୁ ଶିଶୁ ସାହିତ୍ୟ ପଢ଼ି ସାହିତ୍ୟ ରାଜ୍ୟରେ ପାଦ ଦେବାକୁ ସମର୍ଥ ହୋଇଛି । ଶ୍ରୀଜଗନ୍ନାଥଙ୍କ ନିକଟତର ହୋଇଛି । ଆପଣ ତ ସବୁବେଳେ କହି ଆସିଛନ୍ତି ଯେ ସବୁବେଳେ ବିଶ୍ୱର ମଙ୍ଗଳ ପାଇଁ ପ୍ରାର୍ଥନା କରିବୁ ହେଲେ ଆମେ ପ୍ରତିବର୍ଷ ଯେଉଁ ଭୋଗ ରଥରେ କରୁଛେ ତାକୁ ତ ଆମେ ଘରେ ଖାଇ ଦେଉଛେ । ବିଶ୍ୱବାସୀଙ୍କ ପାଇଁ କ'ଣ ଦେଉଛେ?

ବାପା ପ୍ରଶ୍ନିଳ ନୟନରେ ମୋତେ ଚାହିଁ ରହିଲେ । ଯେମିତି ପ୍ରଭୁ ଜଗନ୍ନାଥ ମୋ ଉପରେ ସବାର ହୋଇଉଠିଲେ । ମୁଁ କହିଉଠିଲି ବାପା, ଶ୍ରୀଜଗନ୍ନାଥଙ୍କୁ ନେଇ ପିଲାଟି ଦିନରୁ ଆପଣ ଦାସିଆ ବାଉରୀ, ଭକ୍ତ ସାଲବେଗ, ବନ୍ଧୁ ମହାନ୍ତି, ରଘୁ ଅରକ୍ଷିତ, ମାଣିକ ଗଉଡୁଣୀର କଥା କହି ଆସିଛନ୍ତି । ଆମେ ସମସ୍ତେ ତ ଜଗନ୍ନାଥଙ୍କ ସେବକ ତଥା ଭକ୍ତ । ଆମ ଭିତରୁ ଶ୍ରୀଜଗଜନ୍ନାଥଙ୍କୁ ନେଇ ଅନୁଭବ ଓ ଅନୁଭୂତି ବହୁ ଭକ୍ତଙ୍କର ଅଛି । ତାକୁ ଯଦି ଆମେ ସଂଗ୍ରହ କରି ଗୋଟିଏ ଲେଖାଏଁ ବହିରେ ପ୍ରକାଶ କରି ରଥଯାତ୍ରା ଦିନ ପ୍ରଭୁଙ୍କୁ ଭୋଗ ଆକାରରେ ସମର୍ପି ଦିଅନ୍ତେ ତା' ହେଲେ ସେ ବିଶ୍ୱବାସୀଙ୍କ ପାଇଁ ଭୋଗ ହୋଇ ଯାଆନ୍ତା । ତାକୁ ପଢ଼ି ଲୋକେ ପ୍ରସାଦତୁଲ୍ୟ ଶ୍ରୀଜଗନ୍ନାଥଙ୍କ ମହିମା ଜାଣିପାରନ୍ତେ । ଆମ ଘର ଭୋଗ ସହ ଏହି ପୁସ୍ତକ ଭୋଗ ବିଶ୍ୱବାସୀଙ୍କ ପାଇଁ ପ୍ରଚଳନ କରିପାରନ୍ତେ । ବାପା ପୁଣିଥରେ ଭାବପ୍ରବଣ ହୋଇ ହଜାର ଟଙ୍କା କାଢ଼ି ମୋ ପକେଟରେ ଗୁଞ୍ଜି ଦେଲେ ଆଉ କହିଲେ ଆଗେଇ ଯାଅ ।

ସେ ଥିଲା ବାପାଙ୍କ ଦେଇଥିବା ମୂଳଧନ । ମୁଁ ବାପାଙ୍କ କଥା ଓ ଟଙ୍କାକୁ ନେଇ ଆରମ୍ଭ କଲି ପ୍ରଥମ ଅନୁଭୂତିମୂଳକ ପୁସ୍ତକ 'ଅନୁଭୂତିରେ ଶ୍ରୀଜଗନ୍ନାଥ' । ମାତ୍ର ୧୬୦ ପୃଷ୍ଠାର ପୁସ୍ତକ ବହୁ ବିଜ୍ଞ ବ୍ୟକ୍ତିଙ୍କ ଅନୁଭୂତିରେ ଭରା ସେହି ପୁସ୍ତକ ରଥଯାତ୍ରାରେ ପ୍ରକାଶ ପାଇ ଦୁଇମାସ ଭିତରେ ଶେଷ ହୋଇଗଲା । ତା'କୁ ପୁଣି ମୁଦ୍ରଣ କରିବାକୁ ପଡ଼ିଲା । ସେ ବହି ପ୍ରକାଶ ପାଇଥିଲା ୨୦୦୬ ମସିହାରେ । ସେଇ ବହିର ପୁନଃମୁଦ୍ରଣ କରି ମୁଁ ପୁଣି ଉତ୍ସାହିତ ହୋଇ ଲାଗିପଡ଼ିଲି ଦ୍ୱିତୀୟ ବର୍ଷ ରଥଯାତ୍ରା ପାଇଁ ନୂଆ ପୁସ୍ତକ ପ୍ରକାଶ ପାଇଁ ଲେଖା ସଂଗ୍ରହ ଅଭିଯାନରେ । ୨୦୦୭ ମସିହାରେ ପୁସ୍ତକର ନାମ ହେଲା 'ଅନୁଭବରେ ଶ୍ରୀଜଗନ୍ନାଥ' । ତା'ପରେ ଆରମ୍ଭ ହେଲା ଅବିରାମ ପ୍ରଚେଷ୍ଟା । ପ୍ରତ୍ୟେକ ବହି 'ଅ' ଅକ୍ଷରରୁ ଆରମ୍ଭ ହେଲା । 'ଅନନ୍ୟ ଶ୍ରୀଜଗନ୍ନାଥ', 'ଅନ୍ତରଙ୍ଗ ଶ୍ରୀଜଗନ୍ନାଥ', 'ଅତୁଳନୀୟ ଶ୍ରୀଜଗନ୍ନାଥ', 'ଅବର୍ଣ୍ଣନୀୟ ଶ୍ରୀଜଗନ୍ନାଥ' । ଏମିତି ପ୍ରତିବର୍ଷ ବହିର କାମ ଅକ୍ଷୟ ତୃତୀୟାଠାରୁ ଆରମ୍ଭ କରି ରଥ ଆଗଦିନ କାମ ସାରେ ଓ ରଥଯାତ୍ରା ଦିନ ପୁରୀ ବଡ଼ଦାଣ୍ଡରେ ରଥାରୂଢ଼ ଶ୍ରୀଜଗନ୍ନାଥଙ୍କୁ ଅର୍ପଣ କରେ । ୨୦୦୬ ମସିହାରୁ ଆରମ୍ଭ ହୋଇ ବର୍ତ୍ତମାନ ସୁଦ୍ଧା ୨୪ଟି ପୁସ୍ତକ ପ୍ରକାଶ ପାଇଁ ଚହଳ ପକାଇ ଦେଇଛି । ଏହି କ୍ରମରେ ପ୍ରତିବର୍ଷ ଅନୁଭୂତି ଓ ଅନୁଭବ ସହ ନୂତନ ନୂତନ ବିଷୟବସ୍ତୁ ସଂକଳନରେ ସନ୍ନିବେଶିତ କରାଯାଇଛି । ଚଳିତ ବର୍ଷ ୨୦୨୬ ରଥଯାତ୍ରା ଦିନ ପ୍ରକାଶ ପାଇବ ୨୫ ତମ ରଜତ ଜୟନ୍ତୀ ସଂକଳନ ।

ସେଇ ବାପାଙ୍କ ପଦେ କଥା ବିଶ୍ୱର ମଙ୍ଗଳ ପାଇଁ ପ୍ରାର୍ଥନା କର ଓ ଦେଇଥିବା ହଜାର ଟଙ୍କାରୁ ଆରମ୍ଭ କରି ଆଜି ମୁଁ ଯାହାକୁ ଦେଖେ ଓ ମୋ କାହାଣୀ କୁହେ, ସମସ୍ତେ କୁହନ୍ତି ଏଭଳି ବାପାଟିଏ ପାଇ ତମେ ଧନ୍ୟ । ଲୀଳାମୟ ଶ୍ରୀଜଗନ୍ନାଥଙ୍କ ଲୀଳାର ଏ ହେଉଛି ପ୍ରମାଣ ।

୨୦୧୪ ମସିହାର କଥା । ସେହିବର୍ଷ ପ୍ରକାଶ ପାଉଥାଏ ପୁସ୍ତକ 'ଅନାଥନାଥ ଶ୍ରୀଜଗନ୍ନାଥ' । ଶ୍ରୀଜଗନ୍ନାଥଙ୍କ ଦୈନନ୍ଦିନ ସେବା ତଥା ପର୍ବପର୍ବାଣି ସେବା ପାଇଁ ଶ୍ରୀମନ୍ଦିର ସତ୍ତ୍ୱଲିପିରେ ୧୨୦ ପ୍ରକାର ସେବକ ଅଛନ୍ତି । ମୁଁ ସେମାନଙ୍କର ତାଲିକା ଦେଖି ଜାଣିଲି ଯେ ସକାଳ ଦ୍ୱାରଫିଟାଠାରୁ ରାତ୍ରି ବଡ଼ସିଂହାର ପର୍ଯ୍ୟନ୍ତ ସେବା ରହିଛି ମାତ୍ର ଗୋଟିଏ ସେବା ବାଦ୍ ପଡ଼ିଯାଇଛି, ତାହା ହେଉଛି ମୁଦ୍ରଣ ସେବା । ପ୍ରଭୁଙ୍କୁ ଏତିକି ଗୁହାରି, ମୋତେ ମୁଦ୍ରଣ ସେବକ ଭାବେ ଗ୍ରହଣ କରନ୍ତୁ ହେ ମହାବାହୁ! ■

ସମ୍ପାଦକ, ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ
ଏ/୭୬, ପିପିଏଲ୍ ହାଉସିଂ କଲୋନୀ, ଖଣ୍ଡଗିରି ଛକ
ଭୁବନେଶ୍ୱର – ୭୫୧୦୧୯, ମୋ : ୯୪୩୭୫୭୪୭୪୯

## କେମିତି କଟିବ ସପ୍ତାହ

**ମେଷ**
ରବିବାରରେ ବହୁ ପରିଶ୍ରମ କରି ସଫଳତାପ୍ରାପ୍ତି, ଦୂରଯାତ୍ରା କରି ପାରନ୍ତି । ସୋମ, ମଙ୍ଗଳ, ବୁଧବାରରେ ପ୍ରସନ୍ନତା, ଅତିଥିଙ୍କ ଆଗମନ ହୋଇପାରେ । ଗୁରୁ, ଶୁକ୍ରବାରରେ ସମସ୍ୟା ଘେରରେ ରହିବେ । ଶନିବାରରେ ସୁଖସମୃଦ୍ଧି, ବ୍ୟବସାୟରେ ଉତ୍ତମ ଲାଭ ମିଳିବ ।

**ବୃଷ**
ରବିବାରରେ ସମାଜରେ ପ୍ରତିଷ୍ଠା ବୃଦ୍ଧି, ସୁଖ ସନ୍ତୋଷ ପ୍ରାପ୍ତି ହେବ । ସୋମ, ମଙ୍ଗଳ, ବୁଧବାରରେ ଅର୍ଥପ୍ରାପ୍ତି, କାର୍ଯ୍ୟସିଦ୍ଧି, ରାଜନୀତିରେ ସୁନାମ ପାଇବେ । ଗୁରୁ, ଶୁକ୍ରବାରରେ ପରିଶ୍ରମୀ, ସଫଳ ହେବେ । ଶନିବାରରେ ଚଳଚଞ୍ଚଳ ରହିବେ । ବ୍ୟବସାୟରେ ଲାଭବାନ ହେବେ ।

**ମିଥୁନ**
ରବିବାରରେ କାର୍ଯ୍ୟ ବିଳମ୍ବ ଓ ଖର୍ଚ୍ଚାନ୍ତ ଦେଖାଦେବ । ସୋମ, ମଙ୍ଗଳ, ବୁଧବାରରେ କାର୍ଯ୍ୟସଫଳ, ସ୍ୱପ୍ନ ସାକାର ହେବ । ଗୁରୁ, ଶୁକ୍ରବାରରେ ସଞ୍ଚୟ, ଚଳଚଞ୍ଚଳ ରହିବେ । ଶନିବାରରେ ଦୂରଯାତ୍ରା, ବ୍ୟବସାୟରେ ପରିଶ୍ରମ ମୁତାବକ ଫଳପ୍ରାପ୍ତି ହେବ ।

**କର୍କଟ**
ରବିବାରରେ ଅର୍ଥଚିନ୍ତା, ପଡ଼ୋଶୀଙ୍କ ସହ ମନାନ୍ତର ରହିବ । ସୋମ, ମଙ୍ଗଳ, ବୁଧବାରରେ କାର୍ଯ୍ୟଦକ୍ଷ, ଉଚ୍ଚସମ୍ମାନ ପ୍ରାପ୍ତି ହେବ । ଗୁରୁ, ଶୁକ୍ରବାରରେ ବନ୍ଧୁ ସହଯୋଗ, ଅର୍ଥିକ ଯୋଜନା ଫଳପ୍ରସୂ ହେବ । ଶନିବାରରେ ପ୍ରତିକୂଳ ପରିସ୍ଥିତି, ବ୍ୟବସାୟିକ ସମସ୍ୟା ରହିବ ।

**ସିଂହ**
ରବିବାରରେ ଉଚ୍ଚଆଶା ସଫଳ ହେବ । ସୋମ, ମଙ୍ଗଳ, ବୁଧବାରରେ ବ୍ୟସ୍ତତା, ଦୂରଯାତ୍ରା, କର୍ମକ୍ଷେତ୍ରରେ ସହଯୋଗ ପାଇବେ । ଗୁରୁ, ଶୁକ୍ରବାରରେ ହର୍ଷୋଲ୍ଲାସ, ସାଂସ୍କୃତିକ ପରିବେଶରେ ଯୋଗ ଦେଇପାରନ୍ତି । ଶନିବାରରେ ଉଦାରତା, ସମସ୍ୟା, ବ୍ୟବସାୟ ମାନ୍ଦା ରହିବ ।

**କନ୍ୟା**
ରବିବାରରେ ସୁଖଶାନ୍ତି, ବନ୍ଧୁବାନ୍ଧବଙ୍କ ଆଗମନ ହୋଇପାରେ । ସୋମ, ମଙ୍ଗଳ, ବୁଧବାରରେ ଅଶାନ୍ତି, ଦ୍ରବ୍ୟହାନି, ଆର୍ଥିକ ଚାପ ରହିବ । ଗୁରୁ, ଶୁକ୍ରବାରରେ ଅସ୍ଥିରତା, ବ୍ୟୟବୃଦ୍ଧି ହେବ । ଶନିବାରରେ ପ୍ରସନ୍ନତା, ବ୍ୟବସାୟିକ ଲାଭ ମିଳିବ ।

**ତୁଳା**
ରବିବାରରେ ସ୍ୱାଦିଷ୍ଟ ଭୋଜନ ଓ ସୁଖଶାନ୍ତି ପ୍ରାପ୍ତି । ସୋମ, ମଙ୍ଗଳ, ବୁଧବାରରେ ଆର୍ଥିକ ଚାପ, ବନ୍ଧୁମନାନ୍ତର ଦେଖାଦେବ । ଗୁରୁ, ଶୁକ୍ରବାରରେ ସୁଖସମ୍ମାନ, କାର୍ଯ୍ୟସିଦ୍ଧି ହେବ । ଶନିବାରରେ ପ୍ରଶଂସାଭାଜନ, ବ୍ୟବସାୟିକ ସଫଳତା ମିଳିବ ।

**ବିଛା**
ରବିବାରରେ କର୍ମତତ୍ପର, ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ । ସୋମ, ମଙ୍ଗଳ ବୁଧବାରରେ ଦ୍ରବ୍ୟାଦି ଲାଭ, ଆର୍ଥିକ ଉନ୍ନତି ହେବ । ଗୁରୁ, ଶୁକ୍ରବାରରେ ଶତ୍ରୁ ବୃଦ୍ଧି, ଚୋରି ଭୟ ଦେଖାଦେଇପାରେ । ଶନିବାରରେ ଅସହଯୋଗ ଓ ବ୍ୟବସାୟ ମନ୍ଥର ରହିବ ।

**ଧନୁ**
ରବିବାରରେ ଶତ୍ରୁ ବୃଦ୍ଧି, କାର୍ଯ୍ୟହାନି, ଚିନ୍ତିତ ରହିବେ । ସୋମ, ମଙ୍ଗଳ, ବୁଧବାରରେ ସମସ୍ୟା ବହୁଳ, ବିରୋଧାଭାସ ଦେଖାଦେବ । ଗୁରୁ, ଶୁକ୍ରବାରରେ ସୁଖସମ୍ମାନ, ଉତ୍ତମ ଆୟ ହେବ । ଶନିବାରରେ ଉଚ୍ଚାଭିଳାଷୀ, ବ୍ୟବସାୟିକ ଉନ୍ନତି ହେବ ।

**ମକର**
ରବିବାରରେ ଚଳଚଞ୍ଚଳ, ଭ୍ରମଣ କରିବାର ସୁଯୋଗ ପାଇବେ । ସୋମ, ମଙ୍ଗଳ, ବୁଧବାରରେ କୌଣସି ବିଷୟକୁ ନେଇ ଚିନ୍ତା, କାର୍ଯ୍ୟମନ୍ଥର ରହିବ । ଗୁରୁ, ଶୁକ୍ରବାରରେ ଦୃଢ଼ମନା, ଅର୍ଥପ୍ରାପ୍ତି ହୋଇପାରେ । ଶନିବାରରେ ସୁଖସମ୍ମାନ ପ୍ରାପ୍ତି, ବ୍ୟବସାୟରୁ ସନ୍ତୋଷଜନକ ଫଳ ମିଳିବ ।

**କୁମ୍ଭ**
ରବିବାରରେ କାର୍ଯ୍ୟମନ୍ଥର, ସନ୍ତାନସନ୍ତତିଙ୍କୁ ନେଇ ଚିନ୍ତାରେ ରହିବେ । ସୋମ, ମଙ୍ଗଳ, ବୁଧବାରରେ ପରିଶ୍ରମର ଫଳ ପ୍ରାପ୍ତି । ଗୁରୁ, ଶୁକ୍ରବାରରେ ବିଭିନ୍ନ ମାର୍ଗରୁ ଉପାର୍ଜନ କରିବେ । ଶନିବାରରେ କାର୍ଯ୍ୟହାନି, ବ୍ୟବସାୟିକ କ୍ଷତି ହୋଇପାରେ ।

**ମୀନ**
ରବିବାରରେ ସାମର୍ଥ୍ୟ ଅନୁଯାୟୀ ଉନ୍ନତି, ଭ୍ରାତୃଭଗ୍ନୀଙ୍କ ସହଯୋଗ ମିଳିବ । ସୋମ, ମଙ୍ଗଳ, ବୁଧବାରରେ ଚଳଚଞ୍ଚଳ, ଉତ୍ତମ ବୁଝାମଣା ରହିବ । ଗୁରୁ, ଶୁକ୍ରବାରରେ ଚିନ୍ତାଜନକ ପରିସ୍ଥିତି ରହିବ । ଶନିବାରରେ ଅର୍ଥପ୍ରାପ୍ତି, ବ୍ୟବସାୟିକ ସଫଳତା ମିଳିବ । ■